ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK

ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25 . No.101 Bhubaneswar Tuesday May 31 2022 | ୨୫ତମ ବର୍ଷ ସଂଖ୍ୟା-୧୦୧ ଭୁବନେଶ୍ୱର, ମଙ୍ଗଳବାର, ମଇ ୩୧, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ଚର୍ଚ୍ଚାରେ ମୋଦି-ଶାହଙ୍କ ସହ ନବୀନଙ୍କ ଭେଟଘାଟ: କହିଲେ ରାଷ୍ଟ୍ରପତି ନିର୍ବାଚନକୁ ନେଇ ଆଲୋଚନା ହୋଇନି

ଭୁବନେଶ୍ୱର,୩୦।୫(ପି.ଏନ): ରାଷ୍ଟ୍ରପତି ନିର୍ବାଚନର ଅବ୍ୟବହିତ ପୂର୍ବରୁ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଚାନକ ଦିଲ୍ଲୀ ଗସ୍ତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୃହମନ୍ତ୍ରୀ ଅମିତ୍ ଶାହଙ୍କୁ ସାକ୍ଷାତ କରିବାକୁ ନେଇ ରାଜନୀତିକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଛି । ଯଦିଓ ନବୀନ ଆଜିର ଏହି ଭେଟଘାଟକୁ ସୌଜନ୍ୟମୂଳକ ସାକ୍ଷାତ ବୋଲି କହି ଏଡାଇ ଯାଇଛନ୍ତି ତଥାପି ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ବିଜେଡି ନିଜର ସମର୍ଥନ ବିଜେପି ନେତୃତ୍ୱାଧୀନ ଏନଡିଏକୁ ଦେବ ବୋଲି ଚିତ୍ର ସ୍ପଷ୍ଟ ହୋଇଥିବା ଆକଳନ କରାଯାଉଛି । ୩ଦିନିଆ ଦିଲ୍ଲୀ ଗସ୍ତରେ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଅପରାହ୍ନ ସାଢ଼େ ୪ଟାରେ ସାଉଥ ବ୍ଲକସ୍ଥିତ କାର୍ଯ୍ୟାଳୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ କରିଛନ୍ତି । ଏହି ସାକ୍ଷାତ ପରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, କରୋନା ମହାମାରୀ ଯୋଗୁ ସେ ପ୍ରଧାନମନ୍ତ୍ରୀଙ୍କୁ ଦୀର୍ଘଦିନ ଧରି ସାକ୍ଷାତ କରି ପାରିନଥିଲେ । ଆଜି ତାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଓଡିଶାର ବିଭିନ୍ନ ପ୍ରସଙ୍ଗରେ ସେ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ସହଯୋଗ ଲୋଡିଛନ୍ତି । ତେବେ ରାଷ୍ଟ୍ରପତି ନିର୍ବାଚନ ପ୍ରସଙ୍ଗରେ କୌଣସି ଆଲୋଚନା ହୋଇନି ବୋଲି ଶ୍ରୀ ପଟ୍ଟନାୟକ ସ୍ପଷ୍ଟ କରିଛନ୍ତି । ଅବଶ୍ୟ ପ୍ରଧାନମନ୍ତ୍ରୀ ମୋଦି ଓ ନବୀନଙ୍କ ମଧ୍ୟରେ ପ୍ରାୟ ୨୫ମିନିଟ୍ ଧରି ଆଲୋଚନା ହୋଇଥିଲା ।ସେହିପରି ସନ୍ଧ୍ୟା ସାଢ଼େ ୬ଟାରେ ଗୃହମନ୍ତ୍ରୀ ଅମିତ୍ ଶାହଙ୍କୁ ମଧ୍ୟ ନବୀନ ସାକ୍ଷାତ କରିଛନ୍ତି । ସେ ଏହି ସାକ୍ଷାତକୁ ବି ସୌଜନ୍ୟମୂଳକ ବୋଲି କହିବା ସହ ରାଷ୍ଟ୍ରପତି ନିର୍ବାଚନକୁ ନେଇ କୌଣସି ଆଲୋଚନା ହୋଇନଥିବା କଥାକୁ ଦୋହରାଇଛନ୍ତି ।



## ପ୍ରଶାସନର ଶେଷ ପ୍ରୟାସ ବିଫଳ : ଆସନ୍ତାକାଲି ଭୋଟ ବର୍ଜନ କରିବେ ବେଙ୍କମୁରା ଗ୍ରାମବାସୀ

ଝାରସୁଗୁଡା,୩୦।୫(ପିଏନ):ପ୍ରଶାସନକୁ ବିଦ୍ୟାଳୟ ଖୋଲିବାକୁ ବହୁବାର ଯୁକ୍ତିଯୁକ୍ତ ଦାବି କରିଥିଲେ ଗ୍ରାମବାସୀ,ସେତେବେଳେ ନା ଗୋଷ୍ଠୀ ଶିକ୍ଷା ଅଧିକାରୀ କର୍ଣ୍ଣପାତ କରିଥିଲେ ନା ଶୁଣିଥିଲେ ଜିଲ୍ଲା ପ୍ରଶାସନ ।ଏବେ କିନ୍ତୁ, ବାରମ୍ବାର ଆସି ଗ୍ରାମବାସୀଙ୍କୁ ବୁଝାଇବାକୁ ଉଦ୍ୟମ କରୁଛି ପ୍ରଶାସନ ।ଭୋଟ ଦାନ ହେଉଛି ଆପଣଙ୍କ ଅଧିକାର,ଏହା ସାବ୍ୟସ୍ତ କରନ୍ତୁ, ଆମେ ଆପଣଙ୍କ କଥାକୁ ସରକାରଙ୍କ ନିକଟରେ ଉପସ୍ଥାପନ କରିବୁ ।ବାରମ୍ବାର ପ୍ରଶାସନ ଚେଷ୍ଟା କରି ବିଫଳ ହୋଇଛି ଭୋଟ ଦେବାର ।ନିଜ ଅଧିକାର କୁ ସାବ୍ୟସ୍ତ କରିବାକୁ ନିବେଦନ କରିଛି ପ୍ରଶାସନ ।ଆଜି ଭୋଟ ଦିନର ଅବ୍ୟବହିତ ପୂର୍ବରୁ ଅନ୍ତିମ ଥର ପାଇଁ ଆସିଥିବା ଲଖନପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଞ୍ଜୀବ ପଟେଲ ଓ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଦ୍ର ନାରାୟଣ ପ୍ରଧାନ ଜନସାଧାରଣଙ୍କ ଆଗରେ ହାର୍ ମାନିଲେ ।ସେମାନେ ସ୍ୱୀକାର କଲେ ଯେ ଭୌଗୋଳିକ ଦୃଷ୍ଟିରୁ ଏହି ବିଦ୍ୟାଳୟ ଖୋଲିବାର ଆବଶ୍ୟକତା ଯୁକ୍ତିଯୁକ୍ତ ,କିନ୍ତୁ ଆମେ ସରକାରଙ୍କୁ ପ୍ରସ୍ତାବ ପଠାଇବୁ ।ବିଗତ କ୍ରମାଗତ ତିନି ଦିନ ଧରି ପ୍ରଶାସନ ଓ ଗ୍ରାମବାସୀଙ୍କ ତରଫରୁ ଚାଲି ଆସୁଥିବା ଆଲୋଚନା ଆଜି ଶେଷ ଦିନରେ ମଧ୍ୟ ଫଳପ୍ରଦ ହୋଇପାରିନାହିଁ ।ସ୍କୁଲ ଖୋଲିବ କିନ୍ତୁ କେବେ ଖୋଲିବ କେହି କହୁନାହାନ୍ତି । ମନ୍ତ୍ରୀ, ନେତା ଓ ପ୍ରଶାସନ ର କ୍ରମାଗତ ବୁଝାସୁଝା ସତ୍ତ୍ୱେ ନିଜ ଜିଦ୍ ରେ ଅଟଳ ରହିଲେ,ବେଂକମୁରା ଗ୍ରାମବାସୀ ।ଆଜି ଦିନଯାକ ବିଭିନ୍ନ ରାଜନୈତିକ ଦଳ ତଥା ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ଙେମୁରା ଗ୍ରାମକୁ ତୁହାକୁ ତୁହା ଗସ୍ତ କରି ଗ୍ରାମବାସୀଙ୍କୁ ଦିନଯାକ ବୁଝାଇବାକୁ ଚେଷ୍ଟା କରି ବିଫଳ ହୋଇଛନ୍ତି ।ପ୍ରାୟ ଦିନସାରା ତିନି ଥର ରୁ ଉର୍ଦ୍ଧ୍ୱ ବୈଠକ ହୋଇଛି ଗ୍ରାମବାସୀଙ୍କ । ଗ୍ରାମବାସୀଙ୍କୁ ଅତୀତରେ ଅନେକ ପ୍ରତିଶ୍ରୁତି ଦେଇ ପରେ ଭୁଲି ଯାଇଥିବାରୁ ଗ୍ରାମବାସୀ ନିଜ ଜିଦ୍ ରେ ଅଟଳ ରହିଥିବା ଆଜି ଜଣାଇଛନ୍ତି ।ଶେଷରେ ସେମାନେ ଶିକ୍ଷା ବିଭାଗ ଓ ପ୍ରଶାସନ ର ଭୁଲ ନିଷ୍ପତ୍ତି କୁ ଦାୟୀ କରିଛନ୍ତି ।ଏଠାରେ ସୂଚନାଯୋଗ୍ୟ ଯେ ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଲଖନପୁର ବ୍ଲକ ଅନ୍ତର୍ଗତ ପଣ୍ଡରି ଗ୍ରାମ ପଂଚାୟତ ର ବେଙ୍କମୁରା ଗ୍ରାମ ରେ ଦୀର୍ଘ ବର୍ଷ ହେବ ଏକ ପ୍ରାଥମିକ ବଦ୍ୟାଳୟ ଚଳି ଆସୁଥିବାବେଳେ ହଠାତ୍ ଗତବର୍ଷ ଏହି ବିଦ୍ୟାଳୟ କୁ ପ୍ରଶାସନ ତରଫରୁ ବନ୍ଦ କରି ଦିଆଯାଇଛି ।ଏହାକୁ ବଲଣ୍ଡା ପ୍ରାଥମିକ ବିଦ୍ୟାଳୟ ସହିତ ମିଶାଇ ଦିଆଯାଇଛି ।ତେବେ ,ଏହି ଗାଁ ରୁ ବଲଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କୁ ଦୂରତା ୩ କିଲୋମିଟର ହୋଇଥିବାବେଳେ ଏହି ରାସ୍ତା ମଝିରେ ଜଙ୍ଗଲ ପଡେ । ଅତୀତରେ ଏହି ଜଙ୍ଗଲରେ କୋକିଶିଆଲି, ଭାଲୁ, ହାତୀ, ବାରହା, ମୟୂର ଆଦି ଜିବଙ୍କ ଆକ୍ରମଣ ର ଶିକାର ହୋଇଛନ୍ତି ଗ୍ରାମବାସୀ ତଥା ଛାତ୍ରଛାତ୍ରୀ ।ଏହି ଆକ୍ରମଣରେ କିଛି ବ୍ୟକ୍ତି ଗୁରୁତର ଆହତ ହୋଇଥିବାରୁ ଗ୍ରାମବାସୀ ବଲଣ୍ଡା ଗାଁ କୁ ନିଜ ର କୌଣସି ଛାତ୍ର ଛତ୍ରୀଙ୍କୁ ପଠାଇବାକୁ ନାରାଜ ଅଟନ୍ତି ।ଏଣୁ ଏହି ମିଶ୍ରଣ ହୋଇଥିବା ବିଦ୍ୟାଳୟରେ ଗ୍ରାମର ଜଣେ ହେଲେ ଛାତ୍ର ଛାତ୍ରୀ ନାମ ଲେଖାଇ ନାହାନ୍ତି ।ସେହିପରି ଗାଁ ରୁ ଅନ୍ୟତମ ନିକଟରେ ଥିବା ପ୍ରାଥମିକ ବିଦ୍ୟାଳୟ ହେଉଛି ପଣ୍ଡରି ଉଚ୍ଚ ବିଦ୍ୟାଳୟ ।ଏଠାରୁ ବିଦ୍ୟାଳୟ କୁ ଦୂରତା ୪ କିଲୋମିଟର ହୋଇଥିବାବେଳେ ରାସ୍ତାରେ ଗଭୀର ଜଳ ଭଣ୍ଡାର ପଡ଼େ ଓ ରାସ୍ତା ଅନେକ ସମୟରେ ସୁନସାନ ଥାଏ ।କିଛି ଛତ୍ର ଛାତ୍ରୀ ବିଦ୍ୟାଳୟ ଯିବା ସମୟରେ ଦୁର୍ଘଟଣା ଗସ୍ତ ହୋଇ ଆହତ ହୋଇଥିବା ଦୃଷ୍ଟିରୁ ଅନେକ ଅବିଭାବକ ନିଜ ପିଲାଙ୍କ ନାମ ଲେଖାଇ ଥିଲେ ମଧ୍ୟ ସେମାନେ ନିଜ ପିଲାଙ୍କୁ ଆଦୌ ବିଦ୍ୟାଳୟ କୁ ପଠାଉ ନାହାନ୍ତି ।ବ□ମାନ ଗାଁ ରେ ୨୬ ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନ କରିବାକୁ ଥିବାବେଳେ ସେମାନେ ଅଧିକାଂଶ ସମୟରେ ବିଦ୍ୟାଳୟ ଯାଉନାହାନ୍ତି ।ଆଜି ଜିଲ୍ଲା ପ୍ରଶାସନକୁ ବିଦ୍ୟାଳୟ ଖୋଲିବାକୁ ଲିଖିତ ପ୍ରତିଶ୍ରୁତି ମାଗିବାରୁ ପ୍ରଶାସନ ଅସମର୍ଥ ହୋଇଥିବାରୁ ଭୋଟ ଦେବାରୁ ବିରତ ରହିବେ ବୋଲି ଗ୍ରାମବାସୀ ସୂଚନା ଦେଇଛନ୍ତି ।ତେବେ ଗ୍ରାମବାସୀ ଭୋଟ ବର୍ଜନ ନିଷ୍ପତି ରେ ଅଟଳ ଅଛନ୍ତି ।

## ଘର ସଜାଡିବା ମୁଡ୍‌ରେ ରାଜ୍ୟ କଂଗ୍ରେସ, ଜୁନ୍ ୧ରୁ ନବ ସଂକଳ୍ପ ସମାବେଶ



ଭୁବନେଶ୍ୱର,୩୦।୫(ପି.ଏନ): ଅସଜଡା ଘରକୁ ସଜାଡିବା ପାଇଁ ଉଦ୍ୟମ ଆରମ୍ଭ କରିଛି ରାଜ୍ୟ କଂଗ୍ରେସ। ନୂଆ କରି ରାଜ୍ୟ କଂଗ୍ରେସର ମୁଖିଆ ହୋଇଥିବା ଶରତ ପଟ୍ଟନାୟକ ଏବେ ଦଳୀୟ ନେତା ଓ କର୍ମୀଙ୍କୁ ଏକାଠି କରିବାକୁ ରଣନୀତି ପ୍ରସ୍ତୁତି କରିଛନ୍ତି। ଏଥିପାଇଁ ଏଆଇସିସି ଭଳି ରାଜ୍ୟ କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ହେବ ଚିନ୍ତନ ଶିବିର। ତେବେ ଏହାର ନାଁ ରାଜ୍ୟ କଂଗ୍ରେସ ପକ୍ଷରୁ ନବ ସଂକଳ୍ପ ସମାବେଶ ରଖାଯାଇଛି ।ଆସନ୍ତା ଜୁନ୍ ୧ ଓ ୨ ଭୁବନେଶ୍ୱର ଇନଷ୍ଟିଚ୍ୟୁଟ୍ ଅଫ ଇଞ୍ଜିନିୟର୍ସ ଠାରେ ଏହି ସମାବେଶ ଅନୁଷ୍ଠିତ ହେବ। ଏଥିରେ ନେତା, ବିଧାୟକ, ସାଂସଦ, ବ୍ଲକ, ଜିଲ୍ଲା ସଭାପତି, ସବୁ ସେଲ୍ ?ର ମୁଖ୍ୟ, ପୂର୍ବତନ ବିଧାୟକ ଓ ସାଂସଦ ମାନେ ଯୋଗଦେବେ। ସମାବେଶରେ ଦଳ ତା'ର ଆଗାମୀ ରଣନୀତି ପ୍ରସ୍ତୁତ କରିବ। ବିଶେଷ କରି ତୃଣମୂଳ ସ୍ତରରେ କଂଗ୍ରେସକୁ ସୁଦୃଢ଼ କରିବାକୁ ନେତାମାନେ ନିଜ ନିଜର ମତ ରଖିବେ। ଏହା ସହ ନେତା ଓ କର୍ମୀଙ୍କୁ ଶୃଙ୍ଖଳାର ପାଠପ ?ାଯିବ। ସମସ୍ତଙ୍କୁ ଶୃଙ୍ଖଳା ଭିତରେ ରହିବ କାମ କରିବାକୁ ସମାବେଶରେ ପରାମର୍ଶ ଦିଆଯିବ। ଯିଏ ବିଶୃଙ୍ଖଳା କରିବ ହାଇ କମାଣ୍ଡ ତାଙ୍କ କଥା ବୁଝିବେ। ଅତୀତରେ ବଡ ବଡ଼ ନେତାଙ୍କୁ ସସପେଣ୍ଡ କରାଯାଇଛି। ତେଣୁ ୨୦୨୪ ରେ ଭଲ ପ୍ରଦର୍ଶନ କରିବାକୁ ହେଲେ ଦୃଢ଼ ରୋଡ ମ୍ୟାପ୍ ଏବେ ଠାରୁ ପ୍ରସ୍ତୁତ ହେବା ଦରକାର। ଏହାକୁ ଦୃଷ୍ଟିରେ ରଖି କଂଗ୍ରେସ ନବ ସଂକଳ୍ପ ସମେବେଶ ଆୟୋଜନ କରିବାକୁ ଯାଉଥିବା ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି ।ସେ କହିଛନ୍ତି, "ଏଆଇସିସିର ନିର୍ଦ୍ଦେଶକ୍ରମେ ଜୁନ୍ ୧ ଓ ୨ରେ ସଂକଳ୍ପ ଶିବିର ଆୟୋଜନ ହେବ। କଂଗ୍ରେସର ସବୁ ନେତା ଓ କର୍ମୀ ଏଥିରେ ଯୋଗାଦେବେ। କଂଗ୍ରେସର ଓଡିଶା ପ୍ରଭାରୀ ଚେଲ୍ଲା କୁମାର ଓ ରୁଦ୍ର ରାଜୁ ବି ସାମିଲ ହେବେ। କଂଗ୍ରେସକୁ ସୁଦୃ ? କରିବା ସହ ସମାବେଶରେ ବିଭିନ୍ନ ପ୍ରକାରର ରାଜନୀତିକ ପ୍ରସଙ୍ଗ ବିଷୟରେ ମଧ୍ୟ ଆଲୋଚନା ହେବ। ବିଭିନ୍ନ ବକ୍ତା ମଧ୍ୟ ନିଜ ନିଜର ମତ ରଖିବେ। ସମାବେଶ ପୂର୍ବରୁ ମୁଁ ଦିଲ୍ଲୀ ଯାଇ ହାଇକମାଣ୍ଡକୁ ଭେଟିବି। ସେହିପରି କଂଗ୍ରେସ ପକ୍ଷରୁ ଗୋଟିଏ କମିଟି ଗଠନ କରାଯିବ।"କାର୍ଯ୍ୟକାରୀ ସଭାପତି ନିଯୁକ୍ତି ହେବେ କି ପ୍ରଶ୍ନରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ "ଏହାର ନିଷ୍ପତ୍ତି ହାଇକମାଣ୍ଡ ନେବେ। ହାଇକମାଣ୍ଡ ଯଦି କାର୍ଯ୍ୟକାରୀ ସଭାପତି ନିଯୁକ୍ତ କରିବେ, ତା'ହେଲେ ଏହାକୁ ଆମେ ଗ୍ରହଣ କରିବୁ। କଂଗ୍ରେସର ବରିଷ୍ଠ ନେତା, ବିଧାୟକ ଓ ଅନ୍ୟମାନେ ହାଇକମାଣ୍ଡଙ୍କୁ ଭେଟିଥିଲେ। ଏହି ସମୟରେ ରାହୁଲ ଗାନ୍ଧି ନିଜେ କହିଛନ୍ତି ଯେ ବିଶୃଙ୍ଖଳାକୁ ଆଉ ବରଦାସ୍ତ କରାଯିବ ନାହିଁ। ଏକଥା ଆମେ ମଧ୍ୟ ଆମ ନେତାମାରନଙ୍କୁ ଜଣାଇ ଦେଇଛୁ। କେହି ବି ଦଳ କିମ୍ବା ହାଇକମାଣ୍ଡଙ୍କ ବିରୋଧରେ ଯାଆନ୍ତୁ ନାହିଁ। ଯାହାର ଯାହା ବି ଅସୁବିଧା ଅଛି, ତା'କୁ କଂଗ୍ରେସ ପରିବାର ଭିତରେ ଆଲୋଚନା କରି ସମାଧାନ କରିବା।" ୨୦୨୪ ସାଧାରଣ ନିର୍ବାଚନ ପାଇଁ କଂଗ୍ରେସର ପ୍ରସ୍ତୁତ ସମ୍ପର୍କରେ ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି, "ପ୍ରଥମ କଥା ହେଲା ସଂଗଠନକୁ ମଜବୁତ କରିବାକୁ ପଡିବ। ଗାଁରୁ ସହରରେ ଥିବା ସମସ୍ତ କଂଗ୍ରେସ ପ୍ରେମୀଙ୍କୁ ଆମେ ନିଜ ପକ୍ଷକୁ ଆଣିବାକୁ ଚେଷ୍ଟା କରିବୁ। ମୁଁ ସମସ୍ତଙ୍କୁ ନେଇ ଆଗକୁ ବ ?ିବାକୁ ଚାହେଁ। ଏଠି କୌଣସି ପ୍ରକାରର ଗୋଷ୍ଠୀ ବିବାଦ ନାହିଁ। ସମସ୍ତେ ମିଳିମିଶି କାମ କରିବୁ। ସମସ୍ତେ ଏକାଠି ବସି ୨୦୨୪ ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ କରିବୁ ।ଏହାପରେ ଆମେ ଲ ? ?ଇ କରିବାକୁ ମୈଦନାନକୁ ଓହ୍ଲାଇବେ। ଶଙ୍କରାଚାର୍ଯ୍ୟ କହିଛନ୍ତି ଯେ ବିଜେଡି ଓ ବିଜେପି ମିଶିକି ଅଛନ୍ତି। ଏକଥା ଆମେ ଆଗରୁ ଏହା କହୁଥିଲୁ। ଏବେ ଲୋକ ବୁଝିଲେଣି। ଆଗାମୀ ଦିନରେ କଂଗ୍ରେସ ଭଲ ପ୍ରଦର୍ଶନ କରିବ। ବିଜେଡି ସରକାର ଓଡିଶାକୁ ତଳି ତଳାନ୍ତ କରି ସାରିଲାଣି।

## ଆସନ୍ତାକାଲି ରାଧାରାଣୀଙ୍କ ପାଇଁ ପ୍ରଚାର ମଇଦାନକୁ ଓହ୍ଲାଇବେ ନିରୁହା



ଭୁବନେଶ୍ୱ.୩୦।୫(ପି.ଏନ): ରାଜ୍ୟସଭା ନିର୍ବାଚନ ପାଇଁ ଆଜିଠାରୁ ଆରମ୍ଭ ହେଉଛି ନାମାଙ୍କନ ପ୍ରକ୍ରିୟା। ଏହା ମେ' ୩୧ ତାରିଖ ଯାଏ ଜାରି ରହିବ। ଓଡିଶାର ଖାଲିଥିବା ୩ଟି ସିଟ୍ ପାଇଁ ବିଜେଡି ପାଖରେ ରହିଛି ଆବଶ୍ୟକ ବିଧାୟକ ସଂଖ୍ୟା। ତେଣୁ ନିର୍‌ଦ୍ୱନ୍ଦ୍ୱରେ ପ୍ରଥମ ଭୋଟରେ ୩ ପ୍ରାର୍ଥୀ ବିଜୟୀ ହୋଇପାରନ୍ତି। ତେବେ ଦଳ ପକ୍ଷରୁ କିଏ ପ୍ରାର୍ଥୀ ହେବ ତାହା ଏଯାଏଁ ସ୍ଥିର ହୋଇନି ।ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଖୁବଶୀଘ୍ର ଏନେଇ ସରପ୍ରାଇଜ୍ ଦେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ପୂର୍ବ ନିର୍ବାଚନରେ ମହିଳାଙ୍କୁ ଅଗ୍ରାଧିକାର ଦେଉଥିବା ବିଜେଡି ଏଥର ମଧ୍ୟ ଏକାଧିକ ମହିଳାଙ୍କୁ ରାଜ୍ୟ ସଭା ପଠାଇବ ବୋଲି ଆଶା ରଖିଛନ୍ତି ବିଧାୟିକା ଉଷା ଦେବୀ ।ବିଧାୟିକା ଉଷା ଦେବୀ କହିଛନ୍ତି, ସବୁଥର ମୁଖ୍ୟମନ୍ତ୍ରୀ ମହିଳାମାନଙ୍କୁ ଗୁରୁତ୍ୱ ଦେଇଛନ୍ତି। ଏଥର ବି ସେ ଦେବେ। ୩ଜଣ ମହିଳା ରାଜ୍ୟ ସଭାକୁ ଗଲେ ଭଲ।

## 'କୋଶଳ'ରେ ମହିଳା ନେତୃତ୍ୱ ସଙ୍କଟ: ବିଜେଡି ବି କଲା ମହିଳାଙ୍କୁ ଅଣଦେଖା



ଭୁବନେଶ୍ୱର,୩୦।୫(ପି.ଏନ) : ନିର୍ବାଚନବେଳେ ମହିଳାଙ୍କୁ ଭୋଟବ୍ୟାଙ୍କ ଭଳି ଉପଯୋଗ କରୁଥିବା ଶାସକ ବିଜେଡିର 'ମହିଳା' ପ୍ରୀତି ପଦାରେ ପଡିଛି । ମହିଳାଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ପ୍ରସଙ୍ଗ ଉଠାଇ ଜାତୀୟ ରାଜନୀତି ହଟଚମଟ କରିଥିବା ବିଜେଡି ବାସ୍ତବରେ ମହିଳା ନେତୃତ୍ୱଙ୍କୁ ପ୍ରୋତ୍ସାହିତ କରିବା କିମ୍ବା ସଂସଦ କି ବିଧାନସଭାରେ ୩୩ ପ୍ରତିଶତ ମହିଳା ପ୍ରତିନିଧିତ୍ୱକୁ ସୁନିଶ୍ଚିତ କରିବାକୁ ଆନ୍ତରିକତା ଦେଖାଉନଥିବା ଜଣାପଡିଛି । ବିଶେଷକରି କୋଶଳ ଅଂଚଳ ବା ପଶ୍ଚିମଓଡିଶାରେ ମହିଳା ନେତୃତ୍ୱ ସଙ୍କଟ ଲାଗି ରହିଥିଲେ ମଧ୍ୟ ରାଜ୍ୟରେ ସାମାଜିକ ଓ ଆଂଚଳିକ ବୈଷମ୍ୟ ଦୂର ସହ ଏସବୁ ଅଂଚଳରେ ମହିଳା ନେତୃତ୍ୱ ସୃଷ୍ଟି କରିବାରେ ଶାସକ ବିଜେଡି ବିଫଳ ହୋଇଥିବା ଗତକାଲିର ରାଜ୍ୟସଭା ପ୍ରାର୍ଥୀ ଚୟନରୁ ସ୍ପଷ୍ଟ ପ୍ରମାଣିତ ହୋଇଛି ।ସୂଚନା ଅନୁସାରେ, ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଜାତୀୟସ୍ତରରେ 'ମହିଳାଙ୍କୁ ସଂସଦ ଓ ବିଧାନସଭାରେ ୩୩ ପ୍ରତିଶତ ସଂରକ୍ଷଣ' ପ୍ରସଙ୍ଗ ଉଠାଇଥିବା ବିଜେଡି ରାଜ୍ୟସଭାକୁ ଅତିକମରେ ୨ଜଣ ମହିଳାଙ୍କୁ ପଠାଇ ସଂସଦର ଉଚ୍ଚସଦନରେ ଦଳର ମହିଳା ପ୍ରତିନିଧିତ୍ୱକୁ ୩୩ ପ୍ରତିଶତ ସୁନିଶ୍ଚିତ କରି ଏକ ସନ୍ଦେଶ ଦେବ ବୋଲି ରାଜନୀତିକ ମହଲରେ ଆକଳନ କରାଯାଉଥିଲା । କିନ୍ତୁ ବିଜେଡି ୩ଜଣ ପୁରୁଷ ଓ ଜଣେ ମହିଳାଙ୍କୁ ପ୍ରାର୍ଥୀ କରି ନିଜର 'ମହିଳା ସଂରକ୍ଷଣ'ର ଫମ୍ପା ସ୍ଲୋଗାନ ଓ ନଗ୍ନ ଚିତ୍ରକୁ ପଦାରେ ପକାଇଛି । ମାତ୍ର ଜଣେ ମହିଳା ସୁଲତା ଦେଓଙ୍କୁ ରାଜ୍ୟସଭା ପାଇଁ ପ୍ରାର୍ଥୀ କରି ଦଳ ୩୩ ପ୍ରତିଶତ ପ୍ରତିନିଧିତ୍ୱର ନିଜର ସ୍ଲୋଗାନକୁ 'ଶୀତଳ ଭଣ୍ଡାର'କୁ ପକାଇ ଦେଇଛି । ଦଳ ପକ୍ଷରୁ ଲୋକସଭାରେ ଦକ୍ଷିଣ ଓଡିଶାରୁ ପ୍ରମିଳା ବିଶୋୟୀ, ପୂର୍ବ ଓଡିଶାରୁ ରାଜଶ୍ରୀ ମଲ୍ଲିକ, ଶର୍ମିଷ୍ଠା ସେଠୀ ଓ ମଞ୍ଜୁଲତା ମଣ୍ଡଳ ଏବଂ ଉତ୍ତର ଓଡିଶା ଚନ୍ଦ୍ରାଣୀ ମୁର୍ମୁ ଏବଂ ମମତା ମହନ୍ତ(ରାଜ୍ୟସଭା) ସଂସଦକୁ ପ୍ରତିନିଧିତ୍ୱ କରୁଥିବାବେଳେ ଦଳ ଉପକୂଳ ଓଡିଶାରୁ ପୁଣିଜଣେ ମହିଳା(ସୁଲତା ଦେଓ)ଙ୍କୁ ସଂସଦକୁ ପଠାଇବାକୁ ନିଷ୍ପତ୍ତି ନେଇଛି । ଯଦିଓ ପଶ୍ଚିମ ଓଡିଶାର ୧୦ଟି ଜିଲ୍ଲା(କୋଶଳ ଅଂଚଳ)ରେ ବିଜେଡିର ଜଣେ ବି ମହିଳା ପ୍ରତିନିଧିତ୍ୱ ସଂସଦରେ ନାହିଁ । ରାଜ୍ୟସଭାରେ ବିଜେଡିର ପ୍ରତିନିଧିତ୍ୱ ଜଣେ ମହିଳା ସାଂସଦ ମମତା ମହନ୍ତ ଓ ଜଣେ ସଂଖ୍ୟାଲଘୁ ସାଂସଦ ମୁନ୍ନା ଖାନ୍ ଏବେ କାର୍ଯ୍ୟ କରୁଛନ୍ତି । ରାଜ୍ୟସଭାରେ ଦଳର ଓବିସି ଓ ପଛୁଆ ବର୍ଗର ପ୍ରତିନିଧିତ୍ୱ ଥିଲେ ମଧ୍ୟ ପୁଣିଥରେ ଏହି ବର୍ଗରୁ ପ୍ରାର୍ଥୀ ଚୟନ କରିଛି । ଦଳ ଏସବୁପ୍ରତି ସାମାନ୍ୟତମ ଗୁରୁତ୍ୱ ନଦେଇ ପାୱାର କରିଡରର ତୋଷାମଦକାରୀଙ୍କୁ ରାଜ୍ୟସଭାକୁ ପ୍ରାର୍ଥୀ କରିବାକୁ ନିଷ୍ପତ୍ତି ନେଇଛି । ରାଜ୍ୟସଭାକୁ ୨ଜଣ ମହିଳାଙ୍କୁ ପଠାଇ ରାଜ୍ୟସଭାରେ ବିଜେଡି ନିଜର ୩୩ ପ୍ରତିଶତ ମହିଳା ପ୍ରତିନିଧିତ୍ୱକୁ ସୁନିଶ୍ଚିତ ବି କରାଇପାରିଥାନ୍ତା ।ପଶ୍ଚିମ ଓଡିଶାରେ ବିଜେଡି ପାଖରେ ସ୍ନେହାଙ୍ଗିନୀ ଛୁରିଆଙ୍କୁ ଛାଡିଦେଲେ ଏବେ ମହିଳା ଚେହେରା ନାହାନ୍ତି । ସ୍ନେହାଙ୍ଗିନୀ ଏବେ ମହିଳା ବିଜେଡିର ସଭାନେତ୍ରୀ ଥିବାବେଳେ ସେ ନିଜ ଦମରେ ରାଜନୀତିକୁ ଆସି ତିଷ୍ଠି ରହିଛନ୍ତି । ତାଙ୍କୁ ବାଦ୍ ଦେଲେ ଏହି ଅଂଚଳର ଅନ୍ୟ ୨ଜଣ ଟୁକୁନି ସାହୁ ଓ ରୀତା ସାହୁ ନିଜର ଦିବଂଗତ ସ୍ୱାମୀଙ୍କ ଯୋଗୁ ବିଧାନସଭାକୁ ପ୍ରତିନିଧିତ୍ୱ କରୁଥିଲେ ମଧ୍ୟ ଦଳର ଗ୍ରହଣୀୟ ଚେହେରା ହୋଇପାରିନାହାନ୍ତି । ବ୍ରଜରାଜନଗର ଉପନିର୍ବାଚନରେ ଦିବଂଗତ କିଶୋର ମହାନ୍ତିଙ୍କ ପତ୍ନୀ ଅଳକାଙ୍କୁ ବିଜେଡି ପ୍ରାର୍ଥୀ କରି ସହାନୁଭୂତି ଭୋଟ୍ ହାତେଇବାକୁ ଚାହିଁଥିଲେ ମଧ୍ୟ ସେ ବି ରୀତା ସାହୁଙ୍କ ଭଳି 'ରିମୋଟ୍ କଂଟ୍ରୋଲ' ରାଜନୀତିର ଶିକାର ହେବେ। ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ବିଜେଡି ପାଖରେ 'ମହିଳା କାର୍ଡ' ଖେଳିବାର ପର୍ଯ୍ୟାପ୍ତ ସୁଯୋଗ ଥିଲେ ମଧ୍ୟ ଏକ ପ୍ରଭାବଶାଳୀ ଗୋଷ୍ଠୀର ଚାପରେ ଦଳ ରାଜ୍ୟସଭାର ପ୍ରାର୍ଥିତ୍ୱ ଚୟନ କରାଇଥିବା ଜଣାପଡିଛି । ପଶ୍ଚିମ ଓଡିଶାରୁ ସୁସ୍ମିତା ବାଗଚୀ, ଶ୍ରୀମୟୀ ମିଶ୍ର ଓ ରାସେଶ୍ୱରୀ ପାଣିଗ୍ରାହୀଙ୍କ ଭଳି ଚେହେରାକୁ ରାଜ୍ୟସଭା ପଠାଇ କୋଶଳ ଅଂଚଳରୁ ସଂସଦରେ ମହିଳାଙ୍କୁ ଉପଯୁକ୍ତ ପ୍ରତିନିଧିତ୍ୱକୁ ବିଜେଡି ସୁନିଶ୍ଚିତ କରାଇପାରିଥାନ୍ତା । କିନ୍ତୁ ବିଜେଡି ଏହା ନକରି ପ୍ରଭାବଶାଳୀ ଗୋଷ୍ଠୀର ଚାପରେ ଏଭଳି ପ୍ରାର୍ଥୀ ଚୟନ କଲା, ଯାହାକୁ ନେଇ ଦଳ ଭିତରେ ଓ ବାହାରେ ଚାପା ଅସନ୍ତୋଷ ସୃଷ୍ଟି ହୋଇଛି । ଯଦିଓ କାର୍ଯ୍ୟାନୁଷ୍ଠାନ ଭୟରେ ସମସ୍ତେ ଚୁପ୍ ଅଛନ୍ତି କିନ୍ତୁ ଏହି ନିରବତା ଓ ଅସନ୍ତୋଷ ଆଗାମୀ ଦିନରେ ବିସ୍ଫୋରକ ପରିସ୍ଥିତି ଆଡକୁ ବିଜେଡିକୁ ଠେଲି ଦେବ ବୋଲି ଆଶଙ୍କା କରାଯାଉଛି । କାରଣ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଯେଉଁମାନଙ୍କୁ ରାଜ୍ୟସଭା ପ୍ରତିଶ୍ରୁତି ଦେଇଥିଲେ ଓ ଯେଉଁ ଉଦ୍ଦେଶ୍ୟରେ 'ମହିଳା କାର୍ଡ' ଖେଳିଥିଲେ ସେସବୁକୁ ମଧ୍ୟ ଏହି ପ୍ରଭାବଶାଳୀ ଗୋଷ୍ଠୀ ନିଷ୍ପ୍ରଭ କରିଛି। ଆଂଚଳିକ ବୈଷମ୍ୟ ଦୂର ପାଇଁ ପଶ୍ଚିମ ଓଡିଶାର ପ୍ରତିନିଧିତ୍ୱର ଆବଶ୍ୟକତା ଜରୁରୀ ଥିଲା । କିନ୍ତୁ ଦୁଇଦିନ ତଳେ ଦଳରେ ମିଶିଥିବା ସନାତନ ବିଶିଙ୍କୁ ରାଜ୍ୟସଭା ଟିକେଟ୍ ଦେବା ପଶ୍ଚିମଓଡିଶାର ବିଜେଡି ନେତାମାନଙ୍କ ପାଇଁ କଟା ଘା'ରେ ଚୂନ ଦେବା ସଦୃଶ ହୋଇଛି । ପଶ୍ଚିମଓଡିଶାରେ ମହିଳା ନେତୃତ୍ୱ ସୃଷ୍ଟି ନକରି ଦଳ ପରୋକ୍ଷରେ ଏହି ଅଂଚଳରେ ମହିଳା ଭୋଟ ବ୍ୟାଙ୍କକୁ ପାଦରେ ଆଡ ?ଇ ଦେଇଛି । ପଶ୍ଚିମ ଓଡିଶାରେ ବିଜେପିର ମହିଳା ଭୋଟ୍ ବ୍ୟାଙ୍କ ଦୁର୍ବଳ ଥିଲେ ମଧ୍ୟ ବିଜେଡିର ଏଭଳି ନିଷ୍ପତ୍ତି ଏବେ ଦଳକୁ ମହିଳା ଭୋଟରଙ୍କଠୁ ଦୂରେଇବାର ମାର୍ଗକୁ ପ୍ରଶସ୍ତ କରାଇଛି । ଏପରିକି ୭୦ଲକ୍ଷ ମହିଳା ଏସଏଚଜି ସଦସ୍ୟଙ୍କୁ ବିଜେଡି ନିଜର ଭୋଟବ୍ୟାଙ୍କ ଭାବୁଥିଲେ ମଧ୍ୟ ସେମାନଙ୍କୁ ଉପଯୁକ୍ତ ପ୍ରତିନିଧିତ୍ୱ ନଦେବା ଓ ସେମାନଙ୍କର ନୈଦିନ ସମସ୍ୟା ବୁଝିବାରେ ଦଳ ସକ୍ଷମ ହୋଇପାରିନି । ଯାହାକି 'କୋଶଳ' ଅଂଚଳରେ ବିଜେଡି ବିରୋଧରେ ଅସନ୍ତୋଷକୁ ଦାନା ବାନ୍ଧିବାରେ ସହାୟକ ହୋଇଛି ।ସେହିପରି ପ୍ରସନ୍ନ ପାଟ୍ଟଶାଣୀ, ରମେଶ ଚ୍ୟାଉପଟ୍ଟନାୟକ, ଯୋଗେନ୍ଦ୍ର ବେହେରା ଓ ବଳଭଦ୍ର ମାଝୀ ଭଳି ନେତାଙ୍କୁ ନବୀନ ରାଜ୍ୟସଭାର ପ୍ରତିଶ୍ରୁତି ଦେଇଥିଲେ। ନବୀନଙ୍କ ପ୍ରତିଶ୍ରୁତିକୁ ବିଜେଡିର ଏହି ପ୍ରଭାବଶାଳୀ ଗୋଷ୍ଠୀ ମୂଲ୍ୟହୀନ କରିଦେଇଛି । ତା'ଛଡା ଦଳରେ ବିଜୟ ନାୟକ, ଈଶ୍ୱର ପାଣିଗ୍ରାହୀ, ଲେନିନ୍ ମହାନ୍ତିଙ୍କ ସମେତ ଏୟୁ ସିଂହଦେଓ, ପ୍ରସନ୍ନ ଆଚାର୍ଯ୍ୟ, ପୁଷ୍ପ ?ନ୍ଦ୍ର ସିଂହଦେଓ, ରବି ନନ୍ଦ, ମହେଶ୍ୱର ମହାନ୍ତି, ଦେବାଶୀଷ ସାମନ୍ତରାୟଙ୍କ ଭଳି ବରିଷ୍ଠ ନେତାମାନେ ଆରମ୍ଭରୁ ସଂଗଠନ ପାଇଁ କାମ କରୁଥିଲେ ମଧ୍ୟ ସେମାନଙ୍କୁ ବି ଏହି ପ୍ରଭାବଶାଳୀ ଗୋଷ୍ଠୀ ଅଣଦେଖା କରିଛି । ଅନ୍ୟପକ୍ଷରେ ଯାଜପୁର ଜିଲ୍ଲାରୁ ଦୁଇଜଣ ମହିଳା ବିଧାନସଭାକୁ ଓ ଜଣେ ଲୋକସଭାକୁ ପ୍ରତିନିଧିତ୍ୱ କରୁଥିବାବେଳେ ଅନ୍ୟଜଣେ ମହିଳାଙ୍କୁ ଦଳ ଭୁବନେଶ୍ୱର ମହାନଗର ନିଗମର ପ୍ରଥମ ମହିଳା ମେୟର କରାଇଛି । ଏହା ସତ୍ତ୍ୱେ ସେହି ଜିଲ୍ଲାରୁ ପୁଣିଜଣେ ମହିଳାଙ୍କୁ ସଂସଦକୁ ପଠାଇ ବିଜେଡିର ଏହି ପ୍ରଭାବଶାଳୀ ଗୋଷ୍ଠୀ ନିଜର ପତିଆରା ଦେଖାଇବାରେ ସଫଳ ହୋଇଛି। ବିଜେଡିରେ ଏଭଳି ଏକଛତ୍ରବାଦୀ ନିଷ୍ପତ୍ତି ଆଗାମୀ ଦିନରେ ଦଳକୁ ଏକ ଭୟଙ୍କର ବିପର୍ଯ୍ୟୟ ଆଡକୁ ଟାଣି ନେଉଥିବା ରାଜନୀତିକ ମହଲରେ ଆଶଙ୍କା କରାଯାଉଛି।

## ପିଇବା ପାଣି ପାଇଁ ଡହଳ ବିକଳ ଗ୍ରାମବାସୀ

ଜୟପୁର , ୩୦।୫(ପି.ଏନ): ଗ୍ରୀଷ୍ମ ଦିନ ଆରମ୍ଭ ରୁ ଶେଷ ହେବାକୁ ବସିଲାଣି ହେଲେ କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକରେ ଲାଗିରହିଛି ପାନୀୟ ଜଳର ଉତ୍କଟ ସମସ୍ୟା ପାଣି ପାଇଁ ଡ଼ହଳ ବିକଳ ଗ୍ରାମବାସୀ ।ଗାଁରେ ଅଛି ୩ ଟି ନଳକୂପ । ୨ଟି ନଳକୂପ ଖରାପ ହୋଇ ପଡି ରହିଛି । ତେଣୁ ବିଦ୍ୟାଳୟ ପରିସରରେ ଥିବା ଗୋଟିଏ ନଳକୂପ ହିଁ ଭରସା ସାଜିଛି ଗ୍ରାମ ବାସୀଙ୍କ ପାଇଁ। ପାଣି ଟୋପାଏ ପାଇଁ ମହିଳାମାନଙ୍କୁ ପ୍ରତି ଦିନ ଗୋଟିଏ ନଳକୂପ ପାଖରେ ଲାଗିବାକୁ ପଡେ ଲମ୍ବା ଲାଇନ। ପାଣି ମୁନ୍ଦାଏ ପାଇଁ ଏବେ ବି ଲୋକଙ୍କୁ ଘଣ୍ଟା ଘଣ୍ଟା ଅପେକ୍ଷା କରିବା ପାଇଁ ପଡୁଛି। ଘରେ ଘରେ ପିଇବା ପାଣି ପହଂଚିବା ପାଇଁ ସରକାର ବିଭିନ୍ନ ଯୋଜନା କରୁଛନ୍ତି ଏବଂ ତା ବାବଦ କୁ ଲୋକ୍ଷାଧିକ ଟଙ୍କା ବି ଖର୍ଚ୍ଚ କରାଯାଉଛି ହେଲେ ବୋରିଗୁମ୍ମା ବ୍ଲକରେ ପାନୀୟ ଜଳ ସମସ୍ୟା ଦିନକୁ ଦିନବୃଦ୍ଧି ପାଇବାରେ ଲାଗିଛି । ଏ ଦୃଶ୍ୟ ହେଉଛି କୋରାପୁଟ ଜିଲ୍ଲା ବୋରିଗୁମା ବ୍ଲକ ଅନ୍ତର୍ଗତ କୁମୁଲି ଗ୍ରାମପଞ୍ଚାୟତ ପରଜା ପାତ୍ରପୁଟ ଗାଁର। ସୂଚନାଯୋଗ୍ୟ ଯେ ଗାଁରେ ବସବାସ କରନ୍ତି ପ୍ରାୟ ୨୦୦ ପରିବାର। ଏମାନଙ୍କର ଏବେ ପାନୀୟଜଳ ମୁଖ୍ୟ ସମସ୍ୟା ହୋଇ ପଡିଛି। ବିଦ୍ୟାଳୟ ପରିସରରେ ଥିବା ଗୋଟିଏ ନଳକୂପ ହିଁ ଏମାନଙ୍କର ଭରସା , ତଳ ସାହି ଏବଂ ଉପର ସାହିର ଲୋକ ମାନେ ଏହି ଗୋଟିଏ ନଳକୂପ ଉପରେ ହିଁ ଭରସା କରୁଛନ୍ତି। ସାହି ରେ ଥିବା ୨ଟି ନଳକୂପ ଅଚଳ ହୋଇଥିବାରୁ ପାନୀୟ ଜଳ ପାଇଁ ବହୁ ଅସୁବିଧାରେ ପଡୁଛନ୍ତି ଏଠାକର ଲୋକ। ମହିଳା ମାନେ କାମ ଧନ୍ଦା କୁ ନ ଯାଇ ନଳକୂପ ପାଖରେ ଘଣ୍ଟା ଘଣ୍ଟା ଅପେକ୍ଷା କରି ସମୟ ବିତିଯାଉଛି ସବୁଠୁ ବଡ କଥା ହେଲା ବିଦ୍ୟାଳୟ ର ପାଚେରୀ କାମ ଚାଲିଛି କାମ ସରିଗଲେ ବିଦ୍ୟାଳୟ ଗେଟ ତାଲାପୋଡିଯିବ ତା ପରେ କଣ ପରିଣତି ତାହା ଚିନ୍ତାର ବିଷୟ ବୋଲି ମହିଳା ମାନେ କହିଛନ୍ତି ଏ ନେଇ ସ୍ଥାନୀୟ ସରପଞ୍ଚ,ପଞ୍ଚାୟତ ଅଧିକାରୀ ଓ ସ୍ଥାନୀୟ ବିଡିଓଙ୍କୁ ବାରମ୍ବାର ଅଭିଯୋଗ କରିଛନ୍ତି କିନ୍ତୁ ପାନୀୟ ଜଳର ସମସ୍ୟାର ସମାଧାନ ଗାଁରେ ହୋଇନଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ ।ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ତରଫରୁ ଖରା ଦିନ ଆରମ୍ଭରୁ ନଳକୂପ ମରାମତି କରି ଏହାର ପରିବେଶ ସଫା ସୁତୁରା ରଖିବା ପାଇଁ ହଜାର ହଜାର ଟଙ୍କା ଖର୍ଚ୍ଚ କରିଛନ୍ତି । ନଳକୂପ ତଳେ ଲୋକଙ୍କ ସୁବିଧା ପାଇ ଉନ୍ନତ ମାନର ମାର୍ବଲ ପକାଇ ଚକାଚକ କରିଛନ୍ତି କିନ୍ତୁ ନଳକୂପରୁ ପାଣି ବାହାରୁନାହିଁ ଏହାକୁ ନେଇ ,କେବଳ ଅର୍ଥ ଆତ୍ମସାତ ବ୍ୟତୀତ ଲୋକଙ୍କ ସମସ୍ୟାର ସାମାଧାନ ହେଉନଥିବାରୁ ଏବେ ଏନେଇ ସାଧାରଣରେ ପ୍ରଶ୍ନ ଉଠୁଛି । ଉକ୍ତ ଗ୍ରାମରେ ମଧ୍ୟ ନଳକୂପର ପାରିପାର୍ଶ୍ୱିକ ବିକାଶ ହୋଇଛି କିନ୍ତୁ ନଳକୂପ ରୁ ପାଣି ଦୀର୍ଘ ଦିନ ହେବ ନ ବାହାରି ଲୋକେ ହନ୍ତସନ୍ତ ହେଉଛନ୍ତି । ତୁରନ୍ତ ଏହାର ସମାଧାନ କରି ଗ୍ରାମରେ ଥିବା ନଳକୂପ କୁ ମରାମତି ଏବଂ ଅନ୍ୟ ୨ଟି ନଳକୂପ ଯୋଗାଇ ଦେବା ପାଇଁ ଦାବି କରିଛନ୍ତି ଗ୍ରାମବାସ ।








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ପୁରାଣ କାହାଣୀ

# ମା'କାଳୀ ଓ ରାମକୃଷ୍ଣ ପରମହଂସ



ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ । କାହିଁକିନା ଏହି ମାସରେ ନାନା ପର୍ବପର୍ବାଣି ପଡ଼ିଥାଏ ଓ ସମସ୍ତେ ଓଷା ବ୍ରତ କରି ପୁଣ୍ୟ ଅର୍ଜନ କରିବାକୁ ଚାହିଁଥାନ୍ତି । ଇତିମଧ୍ୟରୁ କାର୍ତ୍ତିକ ଅମାବାସ୍ୟା ଅନ୍ୟତମ । କାର୍ତ୍ତିକ ଅମାବାସ୍ୟାକୁ ବଡ଼ ଦୀପାବଳି ବୋଲି କୁହାଯାଏ । କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଷଙ୍କୁ ପୂଜା କରାଯାଏ । ଏହି ଦିନ ମା'ଦୁର୍ଗାଙ୍କ ଚାମୁଣ୍ଡା ବା ଚଣ୍ଡି ରୂପ ଧାରଣ କରି ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦିଙ୍କୁ ବିନାଶ କରି ଦେବଗଣଙ୍କୁ ମୁକ୍ତ କରିଥିଲେ ଓ ଶାନ୍ତି ଫେରାଇ ଆଣିଥିଲେ । ଏଥିପାଇଁ ବାଣ, ରୋଷଣି ଓ ଦୀପାବଳିର ଉତ୍ସବ ମାଧ୍ୟମରେ ଏହି ପର୍ବ ପାଳନ କରାଯାଏ ।

ଚଣ୍ଡିପୁରାଣ ଓ ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦି ଅସୁରମାନେ ଦେବୀ ଦୁର୍ଗାଙ୍କୁ ଧରିବା ପାଇଁ ସୈନ୍ୟ ସାମନ୍ତ ଧରି ଆସିଥିଲେ । ସେମାନଙ୍କର ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ ମଧ୍ୟ ହେଲା । ସବୁ ରାକ୍ଷସ ମଧ୍ୟରେ ଥିବା ରକ୍ତବୀର୍ଯ୍ୟ ରାକ୍ଷସ ବ୍ରହ୍ମାଙ୍କଠାରୁ ବରଦାନ ପ୍ରାପ୍ତ କରିଥିଲା । ତା'ଶରୀରର ଗୋଟିଏ ରକ୍ତବିନ୍ଦୁ ଭୂମିଷ୍ଠ ହେଲେ ସେଥିରୁ ତା' ଭଳି ଅନେକ ରାକ୍ଷସ ଜନ୍ମନେବେ । ଏପରି ସ୍ଥଳରେ ରକ୍ତବୀର୍ଯ୍ୟର ଉତ୍ପାତକୁ ବିନାଶ କରିବା ପାଇଁ ମା'ଦୁର୍ଗା କାଳୀ ରୂପ ଧାରଣ କରିଥିଲେ ଓ ରକ୍ତବୀର୍ଯ୍ୟର ଗୋଟିଏ ବି ରକ୍ତ ବିନ୍ଦୁ ଭୂମିଷ୍ଠ ହେବାକୁ ଦେଇନଥିଲେ । ସେତେବେଳେ ସେ ଏତେ କ୍ଷୁବ୍ଧ ଥିଲେ ଯେ, ଯେପରି ସବୁ ସୃଷ୍ଟି ଧ୍ୱଂସ ପାଇଯିବ । ଏ ବିଷୟ ମହାଦେବ ଜାଣିପାରି ତାଙ୍କୁ ଅଟକାଇବା ପାଇଁ ତାଙ୍କ ସମ୍ମୁଖରେ ପଡ଼ିଗଲେ । ତଥାପି ସେ ରାଗରେ ଥିବାରୁ ମହାଦେବଙ୍କ ଉପରେ ପାଦ ରଖିଦେଇଥିଲେ । ଯେତେବେଳେ ସେ ଶିବଙ୍କୁ ତାଙ୍କ ପାଦ ତଳେ ଦେଖିବାକୁ ପାଇଲେ ସେତେବେଳେ ହଠାତ ଜିଭ କାମୁଡ଼ି ଦେଇଥିଲେ । ପରେ ସେ ପ୍ରକୃତିସ୍ଥ ଏବଂ ସ୍ଥିତପ୍ରଜ୍ଞ ହୋଇଗଲେ । ମା'ଙ୍କର ସେହି ମହାକାଳୀ ରୂପକୁ ଆଜିର ଦିନରେ ପୂଜା କରାଯାଏ । ସେହି ମା' ହିଁ ଆଦ୍ୟାଶକ୍ତି, ସେ ହିଁ ସୃଷ୍ଟି ଓ ପ୍ରଳୟ । ଯୁଗେ ଯୁଗେ ଦୁଷ୍ଟ ଶକ୍ତିକୁ ସଂହାର କରିବା ପାଇଁ ମା'କାଳୀ ରୂପ ଧାରଣ କରି ଧରା ପୃଷ୍ଠରେ ଅବତରଣ କରନ୍ତି।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଷ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯ୍ୟଷ୍ୟଟକଙ୍କ ଭିଡ। ଏହି ଉଦେଷ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯ୍ୟଷ୍ୟରେ ସାହାଯଷ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ। ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଷ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଷ୍ୟତୀତ ଅନଷ୍ୟ ରାଜଷ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଷ୍ୟାରେ ପର୍ଯ୍ୟଷ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯ୍ୟଷ୍ୟଟକଙ୍କ ବର୍ଦ୍ଧିତ ସଂଖଷ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ୱଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯ୍ୟଷ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯ୍ୟଷ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯ୍ୟଷ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯ୍ୟଷ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଷ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଷ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯ୍ୟଷ୍ୟଟକଙ୍କ ଭିଡକୁ ଲକ୍ଷଷ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯ୍ୟଷ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଷ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଷ୍ୟତି ହେବି ନାହିଁ।



# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ

ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଷ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର



ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟଷ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯ୍ୟଷ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର ନିର୍ମାଣ କାର୍ଯ୍ୟଷ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣଷ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯ୍ୟଷ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଷ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ୍ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ୍ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୬କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୨, ମେ' ୩୧**

# ସାବିତ୍ରୀ ବ୍ରତ ଓ ସୁଖୀ ଦାମ୍ପତ୍ୟ ଜୀବନ



ଭାରତବର୍ଷର ଅନେକାଂଶରେ ବିବାହିତା ହିନ୍ଦୁ ରମଣୀମାନେ ବହୁ ନିଷ୍ଠାର ସହିତ ସାବିତ୍ରୀ ବ୍ରତ ପାଳନ କରନ୍ତି। ବିଶେଷତଃ ନେପାଳ ତଥା ଭାରତୀୟ ରାଜ୍ୟମାନଙ୍କ ମଧ୍ୟରେ ବିହାର, ଉତରପ୍ରଦେଶ ଏବଂ ଓଡିଶାର ହିନ୍ଦୁ ରମଣୀମାନେ ଏହି ବ୍ରତକୁ ଜ୍ୟେଷ୍ଠ ମାସର ଅମାବାସ୍ୟା ତିଥିରେ ପାଳନ କରନ୍ତି। କିନ୍ତୁ ପଶ୍ଚିମ ଭାରତର ମହାରାଷ୍ଟ୍ର, ଗୋଆ, ଗୁଜରାଟ ଏବଂ କର୍ଣ୍ଣାଟକର ବିବାହିତା ରମଣୀ ମାନେ, ଏହି ବ୍ରତକୁ ଜ୍ୟେଷ୍ଠ ମାସର ପୂର୍ଣ୍ଣମା ତିଥିରେ ଭାଟ-ପୂର୍ଣ୍ଣମା ରୂପେ ପାଳନ କରନ୍ତି। ସେମାନେ ଏହିଦିନ ଦିନସାରା ଉପବାସ ରହି ସ୍ୱାମୀଙ୍କର ମଙ୍ଗଳ ତଥା ଦୀର୍ଘ ଜୀବନ କାମନାର୍ଥେ ସାବିତ୍ରୀ ଦେବୀଙ୍କ ପୂଜା ଉପାସନା କରିଥାନ୍ତି।

ଏହି ବ୍ରତପାଳନର ପଶ୍ଚାତ ଭାଗରେ ଏକ ସୁନ୍ଦର କିମ୍ବଦନ୍ତୀ ରହିଅଛି। ତାହା ହେଉଛି ମଦ୍ର ରାଜ୍ୟର ରାଜା, ଅଶ୍ୱପତିଙ୍କର ଅତୀବ ସୁନ୍ଦରୀ କନ୍ୟା ସାବିତ୍ରୀ, କୌଣସି ଏକ ଋଷି ଆଶ୍ରମରେ ପିତା ଦ୍ୟୁମତସେନ୍‌ଙ୍କ ସହିତ କାଳାତିପାତ କରୁଥିବା ସମୟରେ, ସତ୍ୟବାନ ନାମକ ଏକ ରାଜକୁମାରଙ୍କୁ ଅଳ୍ପାୟୁ ଜାଣି ମଧ୍ୟ, ସ୍ୱଇଚ୍ଛାରେ ପତି ରୂପେ ବରଣ କରିଥିଲେ। ପତିପ୍ରାଣା ସାବିତ୍ରୀ ସ୍ୱାମୀ ଏବଂ ଶ୍ୱଶୁରଙ୍କ ସେବାରେ ନିଜକୁ ନିୟୋଜିତ କରିବାର କାମନା ରଖି ତାଙ୍କ ସହିତ ବନବାସୀ ହୋଇଥିଲେ। ଏକଦା ରନ୍ଧନ କାର୍ଯ୍ୟ ପାଇଁ ଜାଳେଣି କାଷ୍ଠର ଆବଶ୍ୟକତା ଥିବାରୁ ସତ୍ୟବାନ ଏକ ବୃକ୍ଷାରୋହଣ କରି କାଷ୍ଠ ସଂଗ୍ରହ କରୁଥିଲେ। ତତ୍‌କ୍ଷଣାତ ଅସୁସ୍ଥତାବଶତଃ ସେ ବୃକ୍ଷରୁ ଭୂପତିତ ହେବାରୁ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା। ମୃତ୍ୟୁ ଦେବତା ଯମରାଜ ସତ୍ୟବାନଙ୍କର ଆତ୍ମାକୁ ନେବାକୁ ଉଦ୍ୟତ ହୁଅନ୍ତେ, ସାବିତ୍ରୀ ତାଙ୍କୁ ତାଙ୍କ ସ୍ୱାମୀଙ୍କ ଜୀବନ ଫେରାଇ ଦେବା ପାଇଁ ବହୁ ଅନୁନୟ ବିନୟ ହୋଇ ଅନୁରୋଧ କରିଥିଲେ। ଯମରାଜ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି, ତାଙ୍କର ଆତ୍ମାକୁ ନେବା ସମୟରେ ସାବିତ୍ରୀ ଯମରାଜାଙ୍କର ପଶ୍ଚାତ୍‌ଧାବନ କରିଥିଲେ। ଯମରାଜ ସାବିତ୍ରୀଙ୍କୁ ସନ୍ତୁଷ୍ଟ କରିବା ପାଇଁ, କାଳର ନିୟମକୁ ଉଲ୍ଲଂଘନ ନକରି, ସ୍ୱାମୀଙ୍କ ଜୀବନ ପ୍ରାପ୍ତି ବ୍ୟତୀତ, ଅନ୍ୟ କେତୋଟି ବର ଯାଚଞ୍ଚା କରିଥିଲେ। ତନ୍ମଧ୍ୟରୁ ସାବିତ୍ରୀ ଯମରାଜାଙ୍କୁ ପୁତ୍ରବତୀ ହେବାର ସୌଭାଗ୍ୟ ଅର୍ଜନ ନିମନ୍ତେ ଏକ ବର ପ୍ରାର୍ଥନା କରିଥିଲେ ଏବଂ ଯମରାଜା ମଧ୍ୟ ତାଙ୍କୁ ତଥାସ୍ତୁ ପ୍ରଦାନ କରିଥିଲେ। ତତ୍‌ପରେ ସାବିତ୍ରୀ ଯମରାଜାଙ୍କୁ ପ୍ରଶ୍ନ କରିଥିଲେ, ସ୍ୱାମୀଙ୍କ ଅବର୍ତମାନରେ ଜଣେ ସତୀନାରୀ ପୁତ୍ରବତୀ ହେବ ବା କିପରି ? ଯମରାଜାଙ୍କର ଚୈତନ୍ୟ ଉଦୟ ହୋଇଥିଲା, ନିରୁପାୟ ହୋଇ ସେ ସତ୍ୟବାନଙ୍କୁ ଜୀବଦାନ ଦେବା ପାଇଁ ବାଧ୍ୟ ହୋଇଥିଲେ।

ଜଣେ ସତୀ ନାରୀ ତାର ନିଷ୍ଠା ପରାକାଷ୍ଠା ବଳରେ ମୃତ୍ୟୁଲୋକରୁ ସ୍ୱାମୀଙ୍କ ଜୀବନ ଫେରାଇ ଆଣିବା କିମ୍ବଦନ୍ତୀରୁ ସାବିତ୍ରୀ ବ୍ରତର ଆରମ୍ଭ। ଗୋଟିଏ ସୁସ୍ଥ ସମାଜ ଗଠନ ପାଇଁ ଏକ ସୁଖୀ ଦାମ୍ପତ୍ୟ ଜୀବନ ଏକାନ୍ତ ଆବଶ୍ୟକ। ପରସ୍ପର ମଧ୍ୟରେ ସ୍ନେହ, ସୌହାର୍ଦ୍ଦ୍ୟ, ବିଶ୍ୱାସ ବୃଦ୍ଧି ସାବିତ୍ରୀ ବ୍ରତ ପାଳନର ଏକମାତ୍ର ଲକ୍ଷ୍ୟ। କିନ୍ତୁ ଆଜି ଆଧୁନିକ ସଭ୍ୟତାର ପ୍ରସାର ଏବଂ ପ୍ରଭାବରେ ସାବିତ୍ରୀ ବ୍ରତ ପାଳନ ଏକ ପରମ୍ପରା ତଥା ଲୌକିକତାରେ ସୀମିତ। ଭାବଶୂନ୍ୟ ଆନ୍ତରିକତାବିହୀନ ପୂଜାରେ ସ୍ତ୍ରୀମାନେ ଦାମୀ ଅଳଙ୍କାର ଏବଂ ବସ୍ତ୍ର ପରିଧାନପୂର୍ବକ ସେମାନଙ୍କର ସ୍ୱାମୀମାନଙ୍କର ବୈଭବ ପ୍ରଦର୍ଶନ ପ୍ରତିଯୋଗିତାରେ ବ୍ୟସ୍ତ। ବହୁ ସ୍ଥାନରେ ଶାଢୀକିଣାକୁ ନେଇ ମନାନ୍ତର ମତାନ୍ତର। ପାଶ୍ଚାତ୍ୟ ଶିକ୍ଷାପ୍ରାପ୍ତ ନାରୀ ଆଜି ବହୁ କ୍ଷେତ୍ରରେ ସ୍ୱାବଲମ୍ବୀ। ଉଗ୍ର ଆଧୁନିକତା ଯୋଗୁ ସେମାନେ ସ୍ୱାମୀମାନଙ୍କୁ ନ୍ୟୁନ ମନେକରୁଛନ୍ତି। ସ୍ୱାମୀମାନେ ମଧ୍ୟ ସ୍ତ୍ରୀମାନଙ୍କୁ ଦାସୀ କରି ରଖିବାର ପ୍ରାଚୀନ ମାନସିକତାରୁ ମୁକ୍ତି ପାଇପାରିନାହାନ୍ତି। ଦାମ୍ପତ୍ୟ ଜୀବନରେ ସ୍ନେହଶ୍ରଦ୍ଧାର ରଜ୍ଜୁ ଶିଥିଳ ହୋଇ ଯାଉଥିବାରୁ, ଅସ୍ୱାଭାବିକ ଭାବରେ ପରକୀୟା ପ୍ରୀତି ଭଳି ରୁଗ୍‌ଣ ମାନସିକତାର ବୃଦ୍ଧି ଘଟୁଅଛି। ପରସ୍ପର ପ୍ରତି ଅସହିଷ୍ଣୁତା ଯୋଗୁ ସାମାନ୍ୟ ସାମାନ୍ୟ କଥାରେ କଳହର ତୀବ୍ରତା ନ୍ୟାୟାଳୟ ପର୍ଯ୍ୟନ୍ତ ପହଂଚି ଯାଉଛି। ପ୍ରାଚୀନ କାଳରେ ପୁରୁଷକୈନ୍ଦ୍ରିକ ସମାଜରେ ନାରୀମାନଙ୍କୁ ସ୍ୱାମୀ ଅନୁଗାମୀ କରାଇବା ପାଇଁ ଅତ୍ୟନ୍ତ କଠୋର ନିୟମ ପ୍ରଣୟନ କରାଯାଇଥିଲା। ଏପରିକି ସ୍ୱାମୀଙ୍କ ମୃତ୍ୟୁ ପରେ ସ୍ତ୍ରୀଲୋକମାନଙ୍କୁ ସ୍ୱାମୀଙ୍କ ଚିତାଗ୍ନିରେ ଝାସ ଦେବାକୁ ବାଧ୍ୟ କରାଯାଉଥିଲା। ବଂଚିରହୁଥିବା ବିଧବାମାନଙ୍କୁ ଆମିଷ ଭକ୍ଷଣଠାରୁ ଆରମ୍ଭ କରି ସୁନ୍ଦର ଆଭୂଷଣ ବ୍ୟବହାର ଉପରେ ନିଷେଧାଜ୍ଞା ଜାରି କରାଯାଇଥିଲା। ସଧବା ଥିବା ସମୟରେ ମଧ୍ୟ, ସ୍ୱାମୀମାନଙ୍କ ପଦଧୌତ ଜଳ ସେବନ, ସ୍ୱାମୀମାନଙ୍କ ଭୋଜନ ପରେ ଭୋଜନ ଏବଂ ସ୍ୱାମୀଙ୍କ ଉଚ୍ଛିଷ୍ଟ ଭକ୍ଷଣ ପରି ବହୁ ଅମାନବୀୟ ନିୟମ ମାନିବାକୁ ପଡୁଥିଲା। ଯାହାହେଉ ସମୟକ୍ରମେ କିଛି ସମାଜ ସଂସ୍କାରକମାନଙ୍କର ଆନ୍ତରିକ ପ୍ରଚେଷ୍ଟା ଫଳରେ, ନାରୀ ସମାଜ ଏ କୁସଂସ୍କାର ଏବଂ ମାନସିକ ନିର୍ଯାତନାରୁ ରକ୍ଷାପାଇ ପାରିଛି। ଈଶ୍ୱରଙ୍କ ସୁନ୍ଦର ସୃଷ୍ଟିରେ ନାରୀ ଓ ପୁରୁଷ ପରସ୍ପର ପରିପୂରକ। ଜଣଙ୍କ ବ୍ୟତିରେକ ଅନ୍ୟ ଜଣଙ୍କ ଜୀବନ ଅଧୁରା ଏବଂ ଅପୂର୍ଣ୍ଣ। ତେଣୁ ଉଭୟେ ଗର୍ବ ଅହଂକାର ତ୍ୟାଗ କରି କେହି କାହାକୁ ଶ୍ରେଷ୍ଠ ବା କେହି କାହାକୁ ନ୍ୟୂନ ଚିନ୍ତନ ମନକୁ ଆଣିବା ଆଦୌ ସ୍ପୃହଣୀୟ ନୁହେଁ। ସୁସ୍ଥ ଗାର୍ହ୍ୟସ୍ଥ ଜୀବନରେ ଏକ ଆଦର୍ଶ ପରିବାର ଗଠନ ପାଇଁ, ନାରୀ ଏବଂ ପୁରୁଷ ଉଭୟଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସହନଶୀଳତା, ଧୈର୍ଯ୍ୟ ଓ ପ୍ରଗାଢ ବିଶ୍ୱାସ ପରି ସ୍ୱର୍ଗୀୟ ଗୁଣର ମୂଳଦୁଆ ଉପରେ ସୁଖୀ ଦାମ୍ପତ୍ୟ ଜୀବନ ପ୍ରତିଷ୍ଠିତ, ଯାହାକି ଆଜିର ପରିବାରରେ ବିଲୁପ୍ତପ୍ରାୟ। ପ୍ରକୃତରେ ନାରୀମାନେ ଯେ ସବୁ ସମୟରେ ପୁରୁଷମାନଙ୍କର ଆଜ୍ଞାଧୀନ ହୋଇ ସମସ୍ତ କାର୍ଯ୍ୟ ନିର୍ବାହ କରୁଥିବେ, ତାହା ସମ୍ପୂର୍ଣ୍ଣ ଭ୍ରମାତ୍ମକ।

ପରିବର୍ତିତ ସାମାଜିକ ବ୍ୟବସ୍ଥାରେ ପତିମାନେ ମଧ୍ୟ ପତ୍ନୀମାନଙ୍କୁ ତାଙ୍କ କାର୍ଯ୍ୟରେ ସହଯୋଗ କରିବା ତଥା ଆନ୍ତରିକ ଶ୍ରଦ୍ଧା ଏବଂ ପୂର୍ଣ୍ଣ ବିଶ୍ୱାସ ସ୍ଥାପନ କରିବାର ଆବଶ୍ୟକତା ରହିଅଛି । ନାରୀମାନେ ସେବାର ମୂର୍ତିମନ୍ତ ପ୍ରତୀକ। ଭଗ୍ନୀ ରୂପେ ଭ୍ରାତାର, ପତ୍ନୀ ରୂପେ ପତିର ଏବଂ ମାତା ରୂପେ ପୁତ୍ରର ଆନ୍ତରିକ ସେବାରେ ହିଁ ନାରୀର ଆତ୍ମତୃପ୍ତି। ଆଧୁନିକ ସଭ୍ୟତାର କୁପ୍ରଭାବରେ ଯଦି କେହି ପଥଭ୍ରଷ୍ଟ ହେବାକୁ ଚେଷ୍ଟା କରୁଅଛନ୍ତି, ତେବେ ଅନ୍ୟ ଜଣେ ଶ୍ରଦ୍ଧା, ଧୈର୍ଯ୍ୟ ଏବଂ ସହନଶୀଳତା ଆଚରଣପୂର୍ବକ ତାକୁ ଭୁଲ ବାଟରୁ ଫେରାଇ ଆଣିବାର ଶତ ପ୍ରତିଶତ ପ୍ରୟାସ ଜାରି ରଖିବା ଅପରିହାର୍ଯ୍ୟ। କ୍ରୂରତା ପ୍ରଦର୍ଶନ ଏ କ୍ଷେତ୍ରରେ ଆଦୌ ଗ୍ରହଣୀୟ ନୁହେଁ। ଉତମ ବ୍ୟବହାର ପ୍ରଦର୍ଶନ, ଅନେକ ଜଟିଳ ସମସ୍ୟାର ସହଜ ସମାଧାନରେ ସହାୟକ ହୋଇଥାଏ। ଆଧୁନିକ ଯୁଗରେ ନାରୀମାନଙ୍କ ଦ୍ୱାରା ପୁରୁଷମାନେ ନିର୍ଯାତିତ ହେଉଥିବା ନଜିର କିଛି କମ୍ ନାହିଁ। ତେଣୁ ବର୍ଷକରେ ଥରେ ସାବିତ୍ରୀ ବ୍ରତ ପାଳନ କରି, ସ୍ୱାମୀମାନଙ୍କୁ ମୁଣ୍ଡିଆ ମାରି, ଆଉ ବାକି ତିନିଶହ ଚଉଷଠି ଦିନ କଳହ ଓ ମନୋମାଳିନ୍ୟରେ କାଳାତିପାତ କରିବା କେତେଦୂର ଯଥାର୍ଥ ! ଆଜି ପ୍ରତ୍ୟେକ ଦମ୍ପତି ସେମାନଙ୍କର ଭବିଷ୍ୟତ ବଂଶଧରଙ୍କୁ ଆଦର୍ଶ ରୂପେ ଗଢିବା ନିମନ୍ତେ ତଥା ନିଜେ ସୁଖୀ ଜୀବନଯାପନ କରିବା ନିମନ୍ତେ, କ୍ରୋଧ, ଅସହିଷ୍ଣୁତାକୁ ସର୍ବାଗ୍ରେ ପରିତ୍ୟାଗ କରି, ପରସ୍ପର ପ୍ରତି ପ୍ରଗାଢ ବିଶ୍ୱାସ, ଆନ୍ତରିକତା, ସହନଶୀଳତା ସର୍ବୋପରି ନିଃସର୍ତ ପ୍ରେମ ପରି ସ୍ୱର୍ଗୀୟ ଗୁଣଗୁଡିକୁ ଆପଣାଇ, ବର୍ଷକୁ ଗୋଟିଏ ଦିନ ନୁହେଁ, ତିନିଶହ ପଂଚଷଠି ଦିନଯାକ ସାବିତ୍ରୀ ବ୍ରତ ପାଳନର ମାନସିକତାକୁ ବହନ କରି ଏକ ସୁସ୍ଥ ସମାଜ ଗଠନ ନିମନ୍ତେ ପ୍ରୟାସ ଜାରି ରଖନ୍ତୁ।

**ପ୍ରଦୀପ୍ତ ଆଚାର୍ଯ୍ୟ**, ସମ୍ପାଦକ, ସମ୍ବାଦ ସାହିତ୍ୟ ଘର, କିଶନନଗର, କଟକ। ମୋ-୬୩୭୧୫୯୩୨୨୦

## ଆଜିର ଅନୁଚିନ୍ତା

*କୃତ୍ରିମ ପବନ ପାଇଁ ଏତେ ଶ୍ରଦ୍ଧା କାହିଁକି, ଅକୃତ୍ରିମ ପବନ ତ' ଭିତର ବାହାର ସବୁଠି ରହିଛି ।*

# ଆଦିବାସୀ ଅଞ୍ଚଳରେ ବିକଳ୍ପ ଶିକ୍ଷା ସନ୍ଧାନରେ...

**ଲୋକନାଥ ପଣ୍ଡା**



କିଶାନ ଓ୍ୱାଡ଼ାକା, ସାତ ବର୍ଷ ହେବ, ଡଙ୍ଗରିଆ କନ୍ଧ ସଂପ୍ରଦାୟର, ଗ୍ରାମ: ଖଜୁରୀ, କୁର୍ଲି ପଂଚାୟତ । ଦ୍ୱିତୀୟ ଶ୍ରେଣୀରେ ପଢୁଛି । ଅନେକ ପ୍ରକାରର ଆମ୍ବ ଚିହ୍ନିଛି ଓ ତା' ସମ୍ପର୍କରେ କହୁଛି । ଶିଶୁଟିକୁ ତାର ସାଙ୍ଗସାଥୀ ମେଳରେ ଆମ୍ବ ସମ୍ପର୍କରେ ପଚାରିବା ବେଳେ ଦଶେରୀ, ଆମ୍ବପିଲି, ସୁନ୍ଦରୀ, ନେଳି ଆମ୍ବ, ଭାଳିଆମ୍ବ, ପାଜିଆମ୍ବ, ଆମ୍ବା, ଗଳିଆ ଆମ୍ବ ସମ୍ପର୍କରେ କହିଲା। ଶିଶୁଟି ଆମ୍ବଗଛ, କେଉଁ ଗଛ କି ଆମ୍ବ ଗଛ ଭଲ ଭାବରେ ଚିହ୍ନିଛି । ନିଜର ଚାଷବାସ ସମ୍ପର୍କରେ କହି ପାରୁଛି ହସ ହସ ମୁହଁରେ । ସେହିଭଳି ନିଜ ଅଂଚଳର କଦଳୀ ଚାଷ ଏବଂ ଏହାର କିସମ ଯଥା: କାଠୁଆ, ପଡ଼ସିଙ୍ଗି, ପଟେ ତାଡ଼ି, ମୁଗ୍ନି ଆଦି କହୁଛି । କେବଳ ଡଙ୍ଗରିଆ ଶିଶୁ କିଶାନ ଓ୍ୱାଡ଼ାକା ନୁହେଁ, ନିୟମଗିରି ପର୍ବତ୍ୟାଞ୍ଚଳରେ ବଢୁଥିବା ଅନେକ ଶିଶୁ ଏ ସମ୍ପର୍କରେ କହିପାରିବେ ନିଜ ମାତୃଭାଷାରେ ଗଦ୍‌ଗଦ୍ ଭାବରେ । ପ୍ରକୃତି ସହିତ ଶିଶୁମାନେ କେତେ



ଅଙ୍ଗାଙ୍ଗୀ ଭାବରେ ଜଡ଼ିତ, ଏହାକୁ ଶିଶୁମାନେ ଜଙ୍ଗଲରେ ବୁଲିବା, ଆମ୍ବ ସଂଗ୍ରହ କରିବା, ଫଳ କାଟି ଖାଇବା ଆଦି ଜଣେ ପର୍ଯ୍ୟବେକ୍ଷଣ ଆଖିରେ ଦେଖିଲେ ହିଁ ଜାଣିବ ।

ଏହିଭଳି କିଛି ଶିଶୁଙ୍କ ସହ କଥା ହେଉଥିଲି । ଡଙ୍ଗରିଆ ଶିଶୁ ଶିବ ସିକ୍‌କା, ୪ର୍ଥ ଶ୍ରେଣୀ, ଆଜି ଆମ୍ବ ସଂଗ୍ରହ ପାଇଁ ସକାଳୁ ସକାଳୁ ଯାଇଥିଲା, ବିଦ୍ୟାଳୟ ଯାଇନି । ରଞ୍ଜନ ସିକ୍‌କା, ତୃତୀୟ ଶ୍ରେଣୀ, ବିଦ୍ୟାଳୟ ଯାଇନି, ସକାଳ ସମୟରେ ଆମ୍ବ ଗୋଟେଇ ଯାଇଥିଲା । କିଶାନ ବିଦ୍ୟାଳୟ ଯାଇଥିଲା, ବିଦ୍ୟାଳୟରେ ଆଜି ରୋଷେଇ ହୋଇନଥିଲା ବିଦ୍ୟାଳୟରେ ଖାଦ୍ୟ ପାଇ ନ ଥିଲା । ସେଥିପାଇଁ ତା' ମନରେ କିଛି ଦୁଃଖ ଥିଲା ।

ସେହିଭଳି ଡଙ୍ଗରିଆ ଗ୍ରାମ ପାତାଲାମ୍ବର କିଛି ଶିଶୁଙ୍କ ସହ କଥା ହେଉଥିଲି । ସିତେ ସିକକା, ଅଜିତ୍ ସିକକା, ବାଡ଼ ସିକକା, ଅମିନା ଜାଲିକା ପ୍ରମୁଖ ଆମ୍ବ ଗୋଟେଇ ଯାଇନାହାନ୍ତି । ତାଙ୍କର ମାଷ୍ଟର ସକାଳୁ ଆସିଥିବାରୁ ଆମ୍ବ ଗୋଟେଇ ଯାଇନାହାନ୍ତି, ପାଠ ପଢ଼ିବା ପରେ ୯ଟାରେ ମା' ସହିତ ଡଙ୍ଗରକୁ ଯିବେ । ଆମ୍ବ ଗୋଟେଇ ଆଣିବେ । ଏମାନଙ୍କ ବୟସ ୪ରୁ ୮ ବର୍ଷ ମଧ୍ୟରେ ହେବ । ଗାଁରେ ବିଦ୍ୟାଳୟ ନାହିଁ କିମ୍ବା ଅଙ୍ଗନବାଡ଼ି ଦିଦି କିଛି ଶିକ୍ଷା ସମ୍ବନ୍ଧୀୟ ଗତିବିଧି କରୁନାହାନ୍ତି । ପିଲାମାନେ ବିଦ୍ୟାଳୟ ମାଡ଼ିନାହାନ୍ତି । କିନ୍ତୁ ଗତ ନଭେମ୍ବର ମାସରୁ ସ୍କୁଲ ସଂଯୋଗ କାର୍ଯ୍ୟକ୍ରମରେ ବେଳେ ବେଳେ ନିୟମିତ ଅନ୍ତରରେ ଶିକ୍ଷାଦାନ ପାଇଁ ସ୍ୱେଚ୍ଛାସେବୀ ଆସୁଛନ୍ତି ଏବଂ ଶିକ୍ଷାଦାନ ସହିତ ଶିଶୁଙ୍କ ସହିତ ବିଭିନ୍ନ ଗତିବିଧି ଖେଳ, ସଚିତ୍ର ବହି, ଚିତ୍ର ସହିତ କାହାଣୀର ବର୍ଣ୍ଣନା, ଅକ୍ଷର ଶିକ୍ଷା, ସଂଖ୍ୟା ଶିକ୍ଷା ପାଇଁ ବିଭିନ୍ନ ଗତିବିଧି କରୁଛନ୍ତି । ପିଲାଙ୍କ ମନରେ ପାଠ ପଢ଼ିବା ପାଇଁ ଅନେକ ଆଗ୍ରହ ଭରି ରହିଛି । ପିତାମାତା ମଧ୍ୟ ବିଶେଷ ଆଗ୍ରହୀ । ସ୍କୁଲ ସଂଯୋଗ କାର୍ଯ୍ୟକ୍ରମ ହେବା ଫଳରେ ପିଲାମାନେ ବିଦ୍ୟାଳୟ ପ୍ରତି ସେମାନଙ୍କର ମନୋଭାବରେ ଅନେକ ପରିବର୍ତ୍ତନ ରହିଛି । ପାଠପଢ଼ା କିମ୍ବା ସ୍କୁଲ ପ୍ରତି ଭୟ ନାହିଁ । କିନ୍ତୁ ଗାଁଟି ଛୋଟ ହୋଇଥିବାରୁ କେବଳ ୨୦ଟି ପରିବାର ରହିଥିବାରୁ ଗାଁରେ ବିଦ୍ୟାଳୟ ନାହିଁ । ତିନିଚାରିଜଣ ଶିଶୁ କେତୋଟି ହଷ୍ଟେଲରେ ରହି ପଢୁଛନ୍ତି । ଡଙ୍ଗରିଆ ମାଆମାନେ ନିଜ ପିଲାମାନେ କେଉଁ ଶ୍ରେଣୀରେ ପଢୁଛନ୍ତି, ଜାଣିନାହାନ୍ତି । କିନ୍ତୁ ମାତା, ପିତାଙ୍କ ଆଗ୍ରହ ରହିଛି ସେମାନଙ୍କର ଶିଶୁମାନେ ଭଲ ଭାବରେ ପଢ଼ିବେ, ଅଧିକ ପଢ଼ିବେ, ସରକାରୀ ଯୋଜନା ସମ୍ପର୍କରେ ଜାଣିବେ । ପାଠ ପଢ଼ିଲେ, ସେମାନଙ୍କୁ କେହି ଠକିବେ ନାହିଁ ବୋଲି ଗ୍ରାମର ପାଲୁ ସିକକା କହନ୍ତି । ରିଣ୍ଟୁ ଓ୍ୱାଡ଼ାକା ନିଜ ଭାଷାରେ ମାଆ, ଶିଶୁମାନଙ୍କ ସହ କଥା ହେବା ଏବଂ ଗାଁରେ ଆସି ପାଠ ପଢ଼େଇବା ଦ୍ୱାରା ପିଲାଙ୍କ ସ୍କୁଲ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି ହୋଇଛି ଓ ସେମାନଙ୍କ ମନରେ ଆଶା ସଂଚାର ହୋଇଛି । ଏଥିସହିତ ବାହାର ଆଗନ୍ତୁକଙ୍କ ସହ କଥା ହେବା ପାଇଁ ହେଲେ ମଧ୍ୟ ଭୟ ଦୂର ହୋଇଛି । ପିଲାଏ ନିଜେ ଚିତ୍ର ପୁସ୍ତକ ଦେଖି ଆଲୋଚନା କରିପାରୁଛନ୍ତି । ଗପ କହି ପାରୁଛନ୍ତି । ଅଙ୍ଗନବାଡ଼ି ବୟସର ତଥା ଚାରିବର୍ଷରୁ ଊର୍ଦ୍ଧ୍ୱ ଶିଶୁ ଗାଁରେ ନୂଆରେ ତିଆରି ହୋଇଥିବା ଗୋଷ୍ଠୀ କେନ୍ଦ୍ରରେ ଯାଇ ବସୁଛନ୍ତି । ମାଆମାନେ ଖୁସିରେ ପିଲାଙ୍କ ପାଠପଢ଼ା କ'ଣ ହେଉଛି, ତାହାର ପର୍ଯ୍ୟବେକ୍ଷଣ ମଧ୍ୟ କରୁଛନ୍ତି ।

ଖଜୁରୀ ଗ୍ରାମର କୁମାର ଓ୍ୱାଡ଼ାକା, ୧୪ ବର୍ଷ ହେବ । ସ୍କୁଲ ମାଡ଼ିନି ବୋଲି କହୁଛି । କିନ୍ତୁ ତା'ର ସାଥୀମାନେ କହୁଛନ୍ତି, ସ୍କୁଲକୁ କିଛିଦିନ ଯାଇଥିଲା, କୌଣସି କାରଣରୁ ତାହା ପରେ ଆଉ ଗଲାନି । ତା' ବିଷୟରେ ପଚାରୁଥିଲି ସେ କ'ଣ କ'ଣ କରୁଛି । ଡଙ୍ଗର କାମ କରୁଛି, ସପୁରୀ ଚାଷ, ଚଢ଼େଇ ମାରିବା (ରାତିରେ), କାଠ ଆଣିବା, ଆମ୍ବ ଗୋଟାଇବା, ଜଙ୍ଗଲଜାତ ଦ୍ରବ୍ୟ ଆଣିବା ସହିତ ଘରେ ରୋଷେଇ ମଧ୍ୟ କରୁଛି ! ତା'ର ନାନୀ ପଞ୍ଚମ ପର୍ଯ୍ୟନ୍ତ ପାଠ ପଢ଼ିଛି ଗାଁ ସ୍କୁଲରେ । ସାନ ଭାଇ ସିଙ୍ଗପୁରରେ ପଢୁଛି । ନିଜ ପରିବାର ଚାଷବାସ ଦେଖୁଛି, କୁକୁଡ଼ା ପାଞ୍ଚଖଣ୍ଡ ଥିଲା, ମରିଗଲା । ଚାଷବାସ ହେଲେ ନେଇ ମାଆବାପା ବିକ୍ରୀ କରୁଛନ୍ତି । କୁମାର ଓ୍ୱାଡ଼ାକା ବିଦ୍ୟାଳୟ ଶିକ୍ଷା ପାଇନି । କିନ୍ତୁ ଜଣେ ସ୍ୱାବଲମ୍ବୀ ମଣିଷଟିଏ ଭଳି ନିଜକୁ ଗଢୁଛି । ପିଲାମାନଙ୍କ ବିଭିନ୍ନ ଖେଳ, ଚର୍ଚ୍ଚା ଭାବରେ ଭାଗ ନେଉଛି । ଶିକ୍ଷାଲାଭ କରିନି ବୋଲି ଅବଶୋଷ ରହିଯାଇଛି । ପାଠୁଆ ପିଲା, ଶିକ୍ଷା ସଂଯୋଗ ସ୍ୱେଚ୍ଛାସେବୀଙ୍କ ସହ ମିଶି ବିଭିନ୍ନ ଗତିବିଧିରେ ଭାଗ ନେଉଛି ।

ଆକା ଓ୍ୱାଡ଼ାକା, ଦ୍ୱିତୀୟ ଶ୍ରେଣୀ । ବିଦ୍ୟାଳୟରେ ଡ୍ରେସ ମିଳିଛି । ଆଜି ବିଦ୍ୟାଳୟକୁ ଯାଇଥିଲା, କିନ୍ତୁ ଭାତ ରନ୍ଧା ହୋଇ ନ ଥିଲା । ପିଲାମାନଙ୍କ ସହ ଛୋଟିଆ ଦଳରେ ସେମାନଙ୍କ ପସନ୍ଦ କଥା ହେଉଥିବା ବେଳେ ନିଜର ଭାବ ସୁନ୍ଦର ଭାବରେ ପ୍ରକାଶ କରୁଥିଲେ । ସେମାନଙ୍କୁ ଡଙ୍ଗରରୁ ଆମ୍ବ ଖୋଜି ଆଣିବାକୁ ଭଲ ଲାଗେ । ମହୁଲ ଦିନରେ ମହୁଲ ମଧ୍ୟ ସଂଗ୍ରହ କରେ । ମା' ବାପାଙ୍କ ସହ ଡଙ୍ଗର ଯିବାକୁ ଭଲ ଲାଗେ । ଚିତ୍ର କରିବାକୁ ଭଲ ଲାଗେ । ନିଜ ସମ୍ପର୍କରେ କହୁଥିଲେ, ଆମେ ସାଙ୍ଗ ହୋଇ ଆମ୍ବ ଗଛ ଚଢୁଛୁ । ଡଙ୍ଗରକୁ ଯାଉଛୁ । ସେଠାରେ ଡଙ୍ଗର ଜଗୁଛୁ, ମାଙ୍କଡ଼କୁ ଘୋଡ଼ାଉଛୁ । ସାଙ୍ଗ ହୋଇ ଖେଳୁଛୁ । ସକାଳେ ଭାତ କିମ୍ବା ଜାଉ ଖାଇ ଯାଉଛୁ । ଡଙ୍ଗରରେ ଆଳୁ, ପିଆଜ, କଖାରୁ, କଦଳୀ, ଆମ୍ବ, ମାଣ୍ଡିଆ,



କୋଶଲା, ଲଗେଇ ଥାଉଛୁ । ଆମେ ଜଗୁଛୁ । ଜହ୍ନି ଓ ମକା ଲଗେଇଛୁ । ଏ ସବୁକୁ ଆମେ ଘରେ ରୋଷେଇ କରି ଖାଉଛୁ । ବଳିଲେ ହାଟ ଦିନ ନେଇ ବିକ୍ରୀ କରୁଛୁ ।

ଡଙ୍ଗରରେ ଜଗିବା ସମୟରେ ଆମେ ଅମୃତ ବିଷ, ଆମ୍ବ ଝଡ଼ିଲେ ସଂଗ୍ରହ କରିବା, ଛୁଆଁଛୁଇଁ, ମାଙ୍କଡ଼ ଖେଳ, କ୍ରିକେଟ ଖେଳୁଛୁ । ଆମର ଆଜ୍ଞା କ୍ୟାରମ ବୋର୍ଡ଼, ଲୁଡୁ ଦେଇଛନ୍ତି, ତାହା ଖେଳୁଛୁ । ବାସ୍‌କେଟ ବଲ ଖେଳୁଛୁ । ଆଖିରେ କନା ପଟି ବାନ୍ଧି ଖେଳୁଛୁ । ବାଟି ମଧ୍ୟ ଖେଳୁଛୁ । ବିଭିନ୍ନ ଧ୍ୱନି ସୃଷ୍ଟି କରି ପକ୍ଷୀ ପଶୁଙ୍କୁ ଫସଲ ଦାଉରୁ ରକ୍ଷା କରୁଛୁ । ଝିଅପିଲାମାନେ ପୁଚି, ଦୌଡ଼ାଦୌଡ଼ି ଖେଳ, ଦୋଳି ଖେଳ, ଆଦି ଖେଳୁଛନ୍ତି । ଶିଶୁମାନେ ଆତ୍ମସମ୍ମାନର ସହ କଥା ହେଉଥିଲେ । ନିଜର ଭାଷାରେ ତ ଅତି ସ୍ପଷ୍ଟ ଓ ଦମ୍ଭ ଧରି କଥା ହେଉଥିଲେ । ତଥାପି ଓଡ଼ିଆରେ ଲେଉଟାଇ ମୋ' ସହିତ କଥା ହେଉଥିଲେ ।

ଶିଶୁମାନଙ୍କର ସହ ଆଲୋଚନା ଏବଂ ଏହିସବୁ କାର୍ଯ୍ୟକ୍ରମ ଦେଖିବା ବେଳେ ଅନୁଭୂତ ହେଉଥିଲା ଯେ କରୋନା ପରବର୍ତ୍ତୀ ସ୍କୁଲ ସଂଯୋଗ କାର୍ଯ୍ୟକ୍ରମ ଦ୍ୱାରା ଏହାର ପ୍ରଭାବ ପଡ଼ିଛି । ଗତ ନଭେମ୍ବର ମାସରୁ ଡଙ୍ଗରିଆ କନ୍ଧବହୁଳ ଗାଁମାନଙ୍କରେ ଯେଉଁଠି ବିଦ୍ୟାଳୟ



ନାହିଁ, ସେଠାରେ ସ୍କୁଲ ସଂଯୋଗ କାର୍ଯ୍ୟକ୍ରମ ମାଧ୍ୟମରେ ପିଲାଙ୍କ ସହିତ ବିଭିନ୍ନ ଗତିବିଧି କରାହୋଇଛି । ଏଥିରେ ପିଲାଙ୍କ ସହିତ ବିଭିନ୍ନ ଖେଳ କାର୍ଯ୍ୟକ୍ରମ ସହିତ, ଗଳ୍ପ ପଠନ, ଆତ୍ମବିକାଶ ବୃଦ୍ଧି କରିବା ପାଇଁ କାର୍ଯ୍ୟକ୍ରମ, ମାନସିକ ଚାପମୁକ୍ତ ପାଇଁ କାର୍ଯ୍ୟକ୍ରମ, ସ୍ୱେଚ୍ଛାସେବୀମାନେ ନିୟମିତ ଅନ୍ତରରେ କେତେକ ଗାଁକୁ ଯାଇ ସ୍କୁଲ ବନ୍ଦ ସମୟରେ ଯେଉଁ କିଛି ଗତିବିଧି କରିଛନ୍ତି, ପିଲାଙ୍କୁ ନେଇ କାର୍ଯ୍ୟକ୍ରମ କରିଛନ୍ତି, ତାହାର ଫଳସ୍ୱରୂପ ଶିଶୁମାନେ ଆତ୍ମସମ୍ମାନର ସହିତ କଥା ହେଉଛନ୍ତି । ଚାରିବର୍ଷରୁ ଦଶ ବର୍ଷ ବୟସର ଶିଶୁମାନେ ଅନେକ ମାତ୍ରାରେ ପ୍ରଭାବିତ ହୋଇଛନ୍ତି । ଗାଁରେ ବିଦ୍ୟାଳୟ ନଥିଲେ ମଧ୍ୟ ପିଲାଙ୍କ ପାଠପଢ଼ା ପ୍ରତି ବିଶେଷ ଆଗ୍ରହ ମାଆମାନେ ଦେଖାଇଛନ୍ତି । ପାତାଲାମ୍ବ, ଆରାଶାକାନୀ, ରଡ଼ାଙ୍ଗ ଖଜୁରୀ ଆଦି ଗ୍ରାମରେ ପିଲାଙ୍କ ସହିତ ଛୋଟ ଛୋଟ ଦଳରେ ଶିକ୍ଷାଦାନ ଓ ବିଭିନ୍ନ ଗତିବିଧି ଦେଖିବା ପରେ ଅନୁଭବ ହେଉଥିଲା ପିଲାଙ୍କ ଉପରେ କିଛି ପ୍ରଭାବ ପଡ଼ିଛି, ଯାହାକି ପିଲାଏ ମାନସିକ ଚାପମୁକ୍ତ ହୋଇପାରିଛନ୍ତି, ନିଜର ପରିବେଶ, ସଂସ୍କୃତି ସମ୍ପର୍କରେ ଆତ୍ମସଚେତନ ହେଉଛନ୍ତି, ତାହାହିଁ ସେମାନଙ୍କୁ ବିଦ୍ୟାଳୟମୁଖା ହେବା ପାଇଁ ସେମାନଙ୍କ ମନରେ ଅନେକ ପ୍ରେରଣା ସୃଷ୍ଟି କରିଛି କହିଲେ ଅତ୍ୟୁକ୍ତି ହେବନାହିଁ ।

*-ଚତୁର୍ଥ ଗଳି, ରାଣୀଗୁଡ଼ା, ରାୟଗଡ଼ା*
*ଦୂରଭାଷ: ୯୪୩୮୦୮୧୪୩୦*

# ସାବିତ୍ରୀ ବ୍ରତ ନାରୀ ଚରିତ୍ରର ଏକ ମହନୀୟ ବାର୍ତା



ଓଡିଶାର ପ୍ରତ୍ୟେକ ବ୍ୟକ୍ତି ଧର୍ମ ସଚେତନ; କର୍ମକ୍ଳାନ୍ତ ଜୀବନରେ ଆଧାତ୍ମିକ ଜ୍ଞାନର ଉପଲବ୍ଧି ହିଁ ପର୍ବପାଳନର ମୁଖ୍ୟ ଉଦ୍ଦେଶ୍ୟ। ସାମାଜିକ ଜୀବନର କୁସଂସ୍କାର ଓ ସଂକୀର୍ଣ୍ଣତା ଦୂରୀକରଣ ଏହାର ଆଉ ଏକ ଉଦ୍ଦେଶ୍ୟ ମଧ୍ୟ। ଓଡିଶାରେ ବୈଶାଖ ମାସଠାରୁ ଚୈତ୍ର ମାସ ପର୍ଯ୍ୟନ୍ତ ୧୨ମାସରେ ବିଭିନ୍ନ ପର୍ବପର୍ବାଣୀ ପାଳିତ ହୋଇଥାଏ। ଜ୍ୟେଷ୍ଠମାସର ପ୍ରଚଣ୍ଡ ରୌଦ୍ରତାପକୁ ଭୃକ୍ଷେପ ନ କରି ଉତ୍କଳୀୟମାନେ ଶୀତଳଷଷ୍ଠୀ, ସାବିତ୍ରୀବ୍ରତ, ରଜ, ଦେବସ୍ନାନ ପୂର୍ଣ୍ଣିମା ଅତି ଆନନ୍ଦର ସହିତ ପାଳନ କରିଥାନ୍ତି। ମାତ୍ର ସମଗ୍ର ନାରୀଜାତି ପାଇଁ "ସାବିତ୍ରୀବ୍ରତ" ଅନନ୍ୟ ଯାହା ନାରୀ ଜାତିର ସ୍ୱାମୀ ପ୍ରତି ପ୍ରଗାଢ ପ୍ରେମ ତଥା ଭକ୍ତିମତାର ଚରମ ନିଦର୍ଶନ, ଜ୍ୟେଷ୍ଠମାସର ଅମାବାସ୍ୟା ତିଥି ସାବିତ୍ରୀ ବ୍ରତଭାବରେ ପ୍ରସିଦ୍ଧି କେଉଁକାଳରୁ ଲାଭ କରିଛି। ସାବିତ୍ରୀ ହେଉଛନ୍ତି ମଦ୍ର ଦେଶର ରାଜା ଅଶ୍ୱପତିଙ୍କ ଏକମାତ୍ର ଅଲିଅଳି କନ୍ୟା। ପୁରାଣ କହେ ରାଜା ଅଶ୍ୱପତି ଦେବୀ ସାବିତ୍ରୀଙ୍କୁ ଆରାଧନା କନ୍ୟାଭାବେ ପାଇଥିଲେ। ବିବାହ ବୟସ ଉପନୀତ ହେବାପରେ ରାଜା ନିଜର କନ୍ୟାପାଇଁ ଉପଯୁକ୍ତ ପାତ୍ରର ସନ୍ଧାନ କରିଥିଲେ। ତାଙ୍କର ଯୋଗ୍ୟ ପାତ୍ରଟିଏ ତାଙ୍କୁ ମିଳି ନ ଥିଲା। ପରିଶେଷରେ ନିଜେ ସାବିତ୍ରୀ ପିତାଙ୍କ ଚିନ୍ତା ଦୂର କରିବା ପାଇଁ ନିଜର ଯୋଗ୍ୟ ବରର ଅନୁସନ୍ଧାନରେ ପିତାଙ୍କ ଆଦେଶ ନେଇ ବାହାରିଲେ। ସମୟ ଗତିଚକ୍ର ଅତି ବିଚିତ୍ର, କବିଙ୍କ ଭାଷାରେ "ଭବିତବ୍ୟ ଯାହା ନିଶ୍ଚୟ ଘଟିବ କେ କରିପାରିବ ଆନ, କାଳଚକ୍ର ଗତିରୋଧ କରିବାକୁ କିଏ ଅଟେ ବଳବାନ"। ଠିକ୍ ସେହି



ସମୟରେ ଶାଲ୍ୱ ଦେଶର ରାଜା ଦ୍ୟୁମତସେନ୍ ନିଜ ରାଜ୍ୟରୁ ବିତାଡ଼ିତ ହୋଇ ନିଜର ସ୍ତ୍ରୀ ଏବଂ ପୁତ୍ର ସତ୍ୟବାନଙ୍କ ସହ ଏକ ତପୋବନରେ ରହୁଥିଲେ। ସତ୍ୟବାନ ଦେଖିବାକୁ ଯେପରି ସୁନ୍ଦର ତାଙ୍କର ଗୁଣ ମଧ୍ୟ ଅନୁପମ ଥିଲା। ଯାହାକୁ ଦେଖୁ ଦେଖୁ ସାବିତ୍ରୀ ମନେ ମନେ ତାଙ୍କୁ ପତି ରୂପରେ ଗ୍ରହଣ କରିଥିଲେ। ଯଦିଓ ସିଏ ଜାଣିଥିଲେ ତାଙ୍କର ପତି ଜଣେ ରାଜ୍ୟହରା ବାଟର ପଥିକ ତଥାପି ସେ ପିତାଙ୍କୁ କହି ତାଙ୍କୁ ନିଜର ସ୍ୱାମୀଭାବେ ଗ୍ରହଣ କରିଥିଲେ। ଯାହା ଆଜିର ନାରୀ ସମାଜପାଇଁ ଏକ ମହନୀୟ ଶିକ୍ଷା। ସାବିତ୍ରୀ ନିଜର ରାଜପ୍ରସାଦ, ବିଳାସବ୍ୟସନ, ଦାସଦାସୀ ସମସ୍ତଙ୍କୁ ତ୍ୟାଗକରି ସତ୍ୟବାନଙ୍କ ସହ ବିବାହ କରିବା ସହ ତପୋବନରେ ନିଜର ସ୍ୱାମୀ, ଶାଶୁ, ଶ୍ୱଶୁରଙ୍କ ସେବାରେ ବ୍ରତୀ ହୋଇଥିଲେ ଯାହା ତାଙ୍କର ନିଷ୍ଠା ସ୍ୱାମୀପ୍ରେମ ତଥା ସେବା ଭାବର ଆଜିର ନାରୀଜାତି ପାଇଁ ଏକ ମହନୀୟ ଶିକ୍ଷା। ଏହି ବିବାହ ସମୟରେ ନାରଦ ତାଙ୍କୁ କହିଥିଲେ ମାତା ସାବିତ୍ରୀ ତୁମ ସ୍ୱାମୀର ଆୟୁ ମାତ୍ର ବର୍ଷଟିଏ ଅଛି। ତୁମେ ଯଦି ତାଙ୍କ ପ୍ରତି ନିଷ୍ଠା ଓ ସ୍ୱାମୀ ଭକ୍ତିରେ ଅତୁଟ ରହିବ ତେବେ କାଳ ମଧ୍ୟ ତୁମ ନିକଟରେ ହାରମାନିବ। ସାବିତ୍ରୀ ଦିନ ଗଣୁଥାନ୍ତି ବର୍ଷେ ପୂରିବାକୁ ଆଉ ତିନିଦିନ ବାକିଥିବା ସମୟରେ ସାବିତ୍ରୀ "ତ୍ରିରାତ୍ର ବ୍ରତ" ଆରମ୍ଭ କଲେ। ମାତ୍ର ଯେଉଁଦିନ ବର୍ଷ ପୁରିଲା ସେଦିନ ଉଭୟେ ସାବିତ୍ରୀ ଓ ସତ୍ୟବାନ ବନରୁ ଫଳମୂଳ ଓ ସମିଧ ସଂଗ୍ରହ କରିବାକୁ ଯାଇଥିଲେ। ହଠାତ୍ ସତ୍ୟବାନଙ୍କ ମୁଣ୍ଡରେ ଅସହ୍ୟ ଯନ୍ତ୍ରଣା ହେଲା। ସାବିତ୍ରୀ ବୁଝିଗଲେ ତାଙ୍କ ସ୍ୱାମୀଙ୍କର ଅନ୍ତିମ ସମୟ ଉପଗତ। ସତ୍ୟବାନଙ୍କ କୋଳରେ ମୁଣ୍ଡରଖି ସାବିତ୍ରୀ ଚେତାଶୂନ୍ୟ ହୋଇଗଲେ। ସତ୍ୟବାନଙ୍କ ଶରୀରର ପ୍ରାଣବାୟୁ ଟିକକ ନେବାପାଇଁ ଯମଦୂତମାନେ ଆସି, ସାବିତ୍ରୀଙ୍କ ତେଜ ଯୋଗୁ ଅସଫଳ ହୋଇ ଫେରିଯାଇଥିଲେ। ପରବର୍ତ୍ତୀ କାହାଣୀ ପ୍ରାୟ ସମସ୍ତ ପାଠକମାନଙ୍କୁ ଊଣା ଅଧିକେ ଜଣା। ପରିଶେଷରେ ସ୍ୱଂୟ ଯମରାଜ ସତ୍ୟବାନଙ୍କ ପ୍ରାଣବାୟୁ ନେଇଯିବା ସମୟରେ ତାଙ୍କର, ପତି ପ୍ରତି ନିଷ୍ଠା, ସତୀତ୍ୱ ଓ ବାକ୍ ଚତୁରୀରେ ଭାଗ୍ୟରେଖାକୁ ପରିବର୍ତ୍ତନ କରିବାକୁ ପଡିଥିଲା। ଉକ୍ତ ସମୟରେ ସଂଯୋଗ ବସତ ତିନୋଟି ଅଲୌକିକ ଘଟଣା ଘଟିଥିଲା। ସେହି ସମୟରେ ଲକ୍ଷ୍ମଣଙ୍କ ଶକ୍ତିଭେଦ, ଆଗ୍ନିକ ଋଷିଙ୍କ ସତୀ ଅନୁସୂୟାଙ୍କୁ ଅଭିଶାପ ଇତ୍ୟାଦି ସଂଗଠିତ ହୋଇଥିଲା। ଦୁଇ ଆର୍ଯ୍ୟଲଳନା ନିଜର ଦାର୍ଢ଼ତ୍ୟା ଭକ୍ତି, ତଥା ସତୀତ୍ୱର ପରାକାଷ୍ଠାବଳରେ କାଳମୁହଁରୁ ନିଜର ସ୍ୱାମୀଙ୍କୁ ଫେରାଇ ଆଣି ସମଗ୍ର ନାରୀ ସମାଜକୁ ଏହି ବାର୍ତା ପ୍ରଦାନ କରିଛନ୍ତି, ଯେ ନାରୀ ସର୍ବଂ ସହା, ନାରୀ, କାଳି, କରାଳି, ନାରୀ ଶକ୍ତି ଯାହା ବିନା ଶିବ ମଧ୍ୟ ଶବରେ ପରିଣତ ହୋଇଥାନ୍ତି। ମାତ୍ର ଦୁଃଖ ପରିତାପର ବିଷୟ ଆଜିର ଏ ନଷ୍ଟଭ୍ରଷ୍ଟ ସମାଜରେ ଆଉ କିମ୍ବଦନ୍ତୀ ମନେ ପକାଇ ଦିଏ ନାରୀ କାଳକୁ ପରିବର୍ତ୍ତନ କରିବା ପାଇଁ ସମାଜରୁ ଦୁଷ୍କୃତି, ଦୁର୍ନୀତି, ଦୂର କରିବା ପାଇଁ ନିଜର ସୁରକ୍ଷା କରିବା ପାଇଁ ସକ୍ଷମ ହୋଇଥାଏ। ମାତ୍ର ଆଜିକାର ସାବିତ୍ରୀ ବ୍ରତ ପାଳନ କରୁଥିବା ନାରୀ ସମାଜ ଏହି ମହନୀୟ, ଗୁଣ ତ୍ୟାଗ, ନିଷ୍ଠାକୁ ଆପଣେଇ ପାରିଲେ ସେମାନେ ଯେ ସାବିତ୍ରୀଙ୍କ ପରି ନ ହେବେ କାହିଁକି ?

**ପ୍ରଭାତ କୁମାର ମିଶ୍ର**, ବରିଷ୍ଠ ସାମ୍ବାଦିକ, ଖୋର୍ଦ୍ଧା

# ସାବିତ୍ରୀ ଓଷା



ବିଭିନ୍ନ ପର୍ବପର୍ବାଣୀ ମଧ୍ୟରେ ସାବିତ୍ରୀ ବ୍ରତ ଅନ୍ୟତମ। ଜ୍ୟେଷ୍ଠମାସ ଅମାବାସ୍ୟା ତିଥିରେ ଏହା ପାଳନ କରାଯାଉଥିବାରୁ ସେ ଦିନଟି ସାବିତ୍ରୀ ଅମାବାସ୍ୟା ଭାବରେ ପରିଚିତ। ସଧବା ନାରୀମାନଙ୍କ ଦ୍ୱାରା ପାଳିତ ହେଉଥିବା ବ୍ରତଗୁଡ଼ିକ ମଧ୍ୟରୁ ଏହା ଏକ ଶ୍ରେଷ୍ଠ ବ୍ରତ। ସତୀ, ସାଧ୍ୱୀ ପତିବ୍ରତା ସାବିତ୍ରୀଙ୍କ ସ୍ମରଣ ସାଙ୍ଗକୁ ତାଙ୍କ ପନ୍ଥା ଅନୁସରଣ ହେଉଛି ସାବିତ୍ରୀ ବ୍ରତ ପାଳନର ମୂଳ ଲକ୍ଷ୍ୟ। ସଧବା ନାରୀ ପାଇଁ ତାର ସ୍ୱାମୀ ସର୍ବସ୍ୱ। ସାବିତ୍ରୀ ବ୍ରତ ପାଳନ କରି ନାରୀ ନିଜ ପତିଙ୍କ ଦୀର୍ଘାୟୁ କାମନା କରିଥାଏ। ସାବିତ୍ରୀ ବ୍ରତ କଥାରେ ଉଲ୍ଲେଖ ରହିଛି ଯେ ଜ୍ୟେଷ୍ଠ କୃଷ୍ଣ ଅମାବାସ୍ୟା ଦିନ ସାବିତ୍ରୀ ନାମ ସ୍ମରଣ କରି ଯେଉଁ ନାରୀ ପବିତ୍ର ମନରେ ସାବିତ୍ରୀ ବ୍ରତ କରିବ ସେ ନାରୀ ଜନ୍ମେ ଜନ୍ମେ ସଧବା ରହିବ ଓ ପତି ପରାୟଣ ହୋଇ ପୁତ୍ରବତୀ, ଧନବତୀ ହେବ ଏବଂ ଅନ୍ତିମ କାଳରେ ବୈକୁଣ୍ଠପ୍ରାପ୍ତି ହେବ। ବିଭିନ୍ନ ଅଞ୍ଚଳରେ ନାନା ବିଧିରେ ସାବିତ୍ରୀବ୍ରତ ପାଳନ ହୋଇଥାଏ। କେତେକ ସ୍ଥାନରେ ଶାଳପୁଆ ଥୋଇ ବଟମୂଳରେ, ଚଉରା ମୂଳରେ ପୂଜା କରାଯାଉଥିବା ବେଳେ ଆଉ କେତେକ ସ୍ଥାନରେ ସାବିତ୍ରୀ ମନ୍ଦିରରେ ପୂଜା କରାଯାଏ। ଏହି ବ୍ରତରେ ସାବିତ୍ରୀ ଦେବୀ, ଯମଦେବତା ଏବଂ ସତ୍ୟବାନଙ୍କୁ ପୂଜା କରାଯାଇଥାଏ। କେତେକ ସ୍ଥାନରେ ମଧ୍ୟ ସାବିତ୍ରୀ ଦେବୀ, ଯମଦେବତା ଏବଂ ସତ୍ୟବାନଙ୍କ ସହିତ ଲକ୍ଷ୍ମୀନାରାୟଣଙ୍କୁ ପୂଜା କରାଯାଇଥାଏ। ସାବିତ୍ରୀ ବ୍ରତ ପାଳନର ସ୍ୱତନ୍ତ୍ରତା ହେଉଛି ଏହି ପୂଜାରେ ଅଗ୍ନିଦ୍ୱାରା ସିଦ୍ଧ କୌଣସି ପଦାର୍ଥ ଠାକୁରଙ୍କୁ ନୈବେଦ୍ୟ ରୂପେ ଅର୍ପଣ କରଯାଏ ନାହିଁ। ବିଭିନ୍ନ ପ୍ରକାର ଫଳ ଓ ଧୁଆ ମୁଗ ହିଁ ଏଥିପାଇଁ ଦରକାର ହୋଇଥାଏ। ସାବିତ୍ରୀ ବ୍ରତ କଥାରୁ ଜଣାଯାଏ ଯେ ସ୍ତ୍ରୀମାନେ ଶୀଳପୁଆକୁ ପଞ୍ଚାମୃତରେ ଶୁଦ୍ଧପୁତ କରି ସ୍ନାନ କରାଇ ସାବିତ୍ରୀ ରୂପରେ ଥାପନ୍ତି। ଫୁଲଚନ୍ଦନ, ଧୂପ ଦୀପ ଓ ନୈବେଦ୍ୟ ତାଙ୍କଠାରେ ଅର୍ପଣ କରନ୍ତି। କଇଁ, କଳାମାଳି ଓ ନୂଆ ଲୁଗା ରଖାଯାଏ। ଆମ୍ବ, ପଣସ, ଖଜୁରୀ, ତାଳ, ନଡ଼ିଆ, ମୁଗ, ବଟୁରା, ସପୁରୀ ପ୍ରଭୃତି ପୂଜା କରାଯାଏ। ଓଡ଼ିଆ ଘରେ ବୋହୂମାନେ ପାହାନ୍ତାରୁ ଉଠି ଗାଧୁଆ ସାରନ୍ତି ପାଟପଟନୀ ପରିଧାନ କରି ଶୁଦ୍ଧ ମନରେ ସାବିତ୍ରୀ ପୂଜାରେ ମନ ଦିଅନ୍ତି। ଉପବାସ ରୁହନ୍ତି। ପୂର୍ବ ରାତିରେ ମୁଗ ବଟୁରାଇ ଥାଆନ୍ତି। ଅପରାହ୍ନରେ ପୂଜା ଶେଷ ହେଲେ ଗଜାମୁଗ, ତାଳ, ନଡ଼ିଆ, ଖଜୁରି, କୋଳି, ପଣସ, ଆମ୍ବ ଓ ସପୁରୀ ପ୍ରଭୃତି ଫଳ ଆହାର କରନ୍ତି। ପୌରାଣିକ ପୃଷ୍ଠଭୂମି ଅନୁସାରେ ସାବିତ୍ରୀ ମଦ୍ର ନରପତି ଅଶ୍ୱପତିଙ୍କର କନ୍ୟା ଏବଂ ସେ ଶାଲ୍ୱ ଦେଶାଧିପତି ଦ୍ୟୁମତସେନଙ୍କ ପୁତ୍ର ସତ୍ୟବାନଙ୍କୁ ବିବାହ କରିଥିଲେ। ରାଜ୍ୟ ହରାଇ ପିତାମାତାଙ୍କ ସହିତ ବଣରେ ରହୁଥିଲେ ସତ୍ୟବାନ। ବିବାହର ଏକ ବର୍ଷ ପରେ ସେ ମୃତ୍ୟୁବରଣ କରିବେ ବୋଲି ବିଧିନିର୍ଦ୍ଦିଷ୍ଟ ଥିଲା। ତେଣୁ ବର୍ଷେ ପୂରିବାର ତିନିଦିନ ପୂର୍ବରୁ ସାବିତ୍ରୀ କଠୋର ଧ୍ୟାନରେ ବସିଲେ। ୪ର୍ଥ ଦିନ ଅର୍ଥାତ୍ ଯେଉଁ ଦିନ ସତ୍ୟବାନଙ୍କ ମୃତ୍ୟୁ ହେବାର ଥିଲା ସେ ଦିନ ଶାଶୁ ଶ୍ୱଶୁରଙ୍କୁ ପ୍ରଣାମ କରି ପତିଙ୍କୁ ଧରି ସାବିତ୍ରୀ ବଣକୁ ଗଲେ। ସେଠାରେ ସତ୍ୟବାନ କାଠ କାଟୁଥିବା ବେଳେ ମସ୍ତକରେ ପୀଡ଼ା ଅନୁଭବ କଲେ ଏବଂ ସାବିତ୍ରୀଙ୍କ କୋଳରେ ମସ୍ତକ ରଖି ଚିରଦିନ ପାଇଁ ଆଖି ବୁଜିଲେ। ଏହାପରେ ସ୍ୱୟଂ ଯମରାଜ ସେଠାରେ ପହଞ୍ଚି ସତ୍ୟବାନ ଶରୀରରୁ ଅଙ୍ଗୁଳି ପରିମିତ ଜୀବନକୁ ଫାସରେ ବାନ୍ଧି ଦକ୍ଷିଣାଭିମୁଖୀ ଯାତ୍ରା କରିବା ମାତ୍ରକେ ସାବିତ୍ରୀ ତାଙ୍କର ଅନୁଗମନ କଲେ। ଯମରାଜ ଯେତେ ବୁଝାଇଲେ ସେ ବୁଝିଲେ ନାହିଁ। ତେଣୁ ଯମତାଙ୍କୁ ସତ୍ୟବାନଙ୍କ ଜୀବନ ବ୍ୟତୀତ ଅନ୍ୟ ଯାହା ମାଗିଲେ ଦେବେ ବୋଲି କହିଲେ। ସାବିତ୍ରୀ କହିଲେ ମୋର ଅନ୍ଧ ଶ୍ୱଶୁରଙ୍କୁ ଚକ୍ଷୁଦାନ କରି ତେଜସ୍ୱୀ କରନ୍ତୁ। ଯମରାଜ ତଥାସ୍ତୁ କହିଲେ। ଶେଷରେ ସେ ନିଜ ପାଇଁ ଶହେ ପୁତ୍ର ମାଗିଲେ। ଯମରାଜ ତଥାସ୍ତୁ କହନ୍ତେ ବୁଦ୍ଧିମତୀ ସତୀ ସାବିତ୍ରୀ କହିଲେ ଆପଣ ତ' ମୋର ପତିଙ୍କୁ ନେଇଯାଉଛନ୍ତି ମୁଁ ପୁତ୍ରବତୀ ହେବି କିପରି। ଶେଷରେ ସାବିତ୍ରୀଙ୍କ ପାଖରେ ପରାଜୟ ସ୍ୱୀକାର କରି ଯମରାଜ ସତ୍ୟବାନଙ୍କ ଜୀବନ ଫେରାଇ ଦେଇଥିଲେ। ସତ୍ୟବାନ ପୁନଃ ଜୀବନ ଲାଭ କରି ସାବିତ୍ରୀଙ୍କୁ ଧରି ଆଶ୍ରମକୁ ଫେରିଗଲେ ଏବଂ ପିତାଙ୍କ ଚକ୍ଷୁଲାଭ, ରାଜ୍ୟଲାଭ କରିଥିବା ଦେଖି ସମସ୍ତ କଥା ଶୁଣି ପତିବ୍ରତା ନାରୀର ପ୍ରଶଂସା କଲେ। ସତ୍ୟବାନ ସିଂହାସନରେ ବସିଲେ, ଶତପୁତ୍ର ଲାଭ କଲେ ଏବଂ ସାବିତ୍ରୀ ନାରୀ ଜଗତରେ ଚିରଦିନ ପୂଜ୍ୟା ଏବଂ ସ୍ମରଣୀୟ ହୋଇ ରହିଲେ। ଏହି ପତିବ୍ରତା ନାରୀଙ୍କୁ ସ୍ମରଣ କରିବା ପାଇଁ ପ୍ରତି ବର୍ଷ ପାଳିତ ହେଉଛି ସାବିତ୍ରୀ ଓଷା।

**ଡଃ. ଅରୁନ୍ଧତୀ ଦେବୀ**, ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର, ଦୂରଭାଷ: ୯୯୩୭୧୭୨୮୧୦




## ଖୋର୍ଦ୍ଧା ଉନ୍ନୟନ କର୍ତ୍ତୃପକ୍ଷ (କେଡିଏ) ଘୋଷଣା କେବେ ?

ଖୋର୍ଦ୍ଧା (ପିଏନ୍): ସବୁ ଜିଲ୍ଲାରେ ଉନ୍ନୟନ କର୍ତ୍ତୃପକ୍ଷ ଦପ୍ତର ଥିବାବେଳେ ଐତିହ୍ୟ ବିମଣ୍ଡିତ ଖୋର୍ଦ୍ଧା ଜିଲ୍ଲା ସେଥିରୁ ବଂଚିତ କାହିଁକି ? ବିଗତ ୧୯୯୩ ମସିହା ଅପ୍ରେଲ ମାସରୁ ଖୋର୍ଦ୍ଧା ଏକ ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ପାଇଥିଲେ ସୁଦ୍ଧା ଅଦ୍ୟାବଧି ଏହା ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅଧିନରେ କାର୍ଯ୍ୟରତ। ଯାହା ଅତି ଦୁଃଖ ଓ ପରିତାପର ବିଷୟ ବୋଲି ଖୋର୍ଦ୍ଧାର ଜନସାଧାରଣ କ୍ଷୋଭ ପ୍ରକାଶ କରିଛନ୍ତି। ଗତ ମାର୍ଚ୍ଚମାସରେ ଏହି ସଂକ୍ରାନ୍ତରେ ଖୋର୍ଦ୍ଧା ସହରକୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ରୁ ବାଦଦେଇ ସ୍ୱତନ୍ତ୍ର ଭାବେ ଖୋର୍ଦ୍ଧା ଉନ୍ନୟନ କର୍ତ୍ତୃପକ୍ଷ କରିବା ପାଇଁ ଏକ ଦାବୀପତ୍ର ଲୋକପ୍ରିୟ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଆଇନଜୀବି ସତ୍ୟରଞ୍ଜନ ଲାଲା, ପ୍ରଫୁଲ କୁମାର ଦାସ, ପ୍ରଫେସର ଡଃ ନାରାୟଣ ରାଓ, ସ୍ତମ୍ଭକାର ଉମାଶଙ୍କର ପ୍ରସାଦ ତଥା ଅନେକ ବୁଦ୍ଧିଜୀବୀଙ୍କ ଦ୍ୱାରା ଉପସ୍ଥାପିତ କରାଯାଇଥିଲା। ମାତ୍ର ଦୁଃଖ ଓ ପରିତାପର ବିଷୟ ଦୀର୍ଘ ଦୁଇମାସ ବିତିଯାଇଥିଲେ ମଧ୍ୟ ଏହାଉପରେ କୌଣସି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ପ୍ରକାଶ ଥାଉକି ଖୋର୍ଦ୍ଧା, ଜିଲ୍ଲାର ମୁଖ୍ୟ ଦପ୍ତର ହୋଇଥିବାବେଳେ ବର୍ତ୍ତମାନ ସୁଦ୍ଧା ଅନେକ କାର୍ଯ୍ୟାଳୟ ଭୁବନେଶ୍ୱରରେ ରହିଛି। ଦିନକୁ ଦିନ ସହରର ବୃଦ୍ଧି ସାଙ୍ଗକୁ ଏହାର ଲୋକସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଏହି ସହରରେ ବାସଗୃହ ବା ଯେକୌଣସି ବ୍ୟବସାୟ ପ୍ରତିଷ୍ଠାନ ପାଇଁ ଜମିବାଡି କନଭରସେସନ୍ କରିବା ପାଇଁ ବିଡିଏର ଅନୁମତି ଆବଶ୍ୟକ ପଡିଥାଏ। ଫଳରେ ଖୋର୍ଦ୍ଧାର ଜନସାଧାରଣ ଅଯଥାରେ ବିଡିଏ କାର୍ଯ୍ୟାଳୟକୁ ଧାଇଁ ଧାଇଁ ଅର୍ଥଶ୍ରାଦ୍ଧ କଲେ ତାଙ୍କୁ ଅନୁମୋଦିତ ପ୍ଲାନ ଖଣ୍ଡେ ମିଳିଥାଏ। ଯେହେତୁ ଖୋର୍ଦ୍ଧାଜିଲ୍ଲା ମୁଖ୍ୟ ଦପ୍ତର ତେଣୁ ଏହାର ସୌନ୍ଦର୍ଯ୍ୟ ବୃଦ୍ଧିପାଇଁ ତଥା ଲୋକମାନଙ୍କୁ ତାଙ୍କ ସମୟ ଓ ଅର୍ଥର ଅପଚୟରୁ ବଂଚାଇବା ପାଇଁ ଖୋର୍ଦ୍ଧା ଉନ୍ନୟନ କର୍ତ୍ତୃପକ୍ଷ ଦାବୀ କ'ଣ ଯଥାର୍ଥ ନୁହେଁ କି ବୋଲି ପ୍ରଶ୍ନବାଚୀ ଉଠିଛି। ଖୋର୍ଦ୍ଧା ସହରର ଉନ୍ନତି ପାଇଁ ବାର୍ଷିକ ଦୁଇକୋଟି ଟଙ୍କା ବିଡିଏ କର୍ତ୍ତୃପକ୍ଷଙ୍କୁ ଦିଆଯାଉଥିବା ବେଳେ ଫଳ ଘର ଶୂନ। ତେଣୁ ଆମର ଲୋକପ୍ରିୟ ମାନ୍ୟବର ମୁଖ୍ୟମନ୍ତ୍ରୀ ତଥା ଫାଇବ ଟି ସଚିବ ଏହା ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବୀ ହୋଇଛି।

# ନାରୀ ଓ ସାବିତ୍ରୀ ଓଷା



**ବା**ର ମାସରେ ତେର ପର୍ବ। ଏହି ସବୁ ପର୍ବପର୍ବାଣୀ ଆମ ସଂସ୍କୃତି ଏବଂ ପରମ୍ପରାର ପ୍ରତୀକ। ପ୍ରତ୍ୟେକ ପର୍ବ ପର୍ବାଣୀରେ ନାରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ। ବିଭିନ୍ନ ପର୍ବପର୍ବାଣୀ ମଧ୍ୟରେ ସାବିତ୍ରୀ ବ୍ରତ ଅନ୍ୟତମ। ଜ୍ୟେଷ୍ଠମାସ ଅମାବାସ୍ୟା ତିଥିରେ ଏହା ପାଳନ କରାଯାଉଥିବାରୁ ସେ ଦିନଟି ସାବିତ୍ରୀ ଅମାବାସ୍ୟା ଭାବରେ ପରିଚିତ। ସଧବା ନାରୀମାନଙ୍କ ଦ୍ୱାରା ପାଳିତ ହେଉଥିବା ବ୍ରତ ଗୁଡ଼ିକ ମଧ୍ୟରୁ ଏହା ଏକ ଶ୍ରେଷ୍ଠ ବ୍ରତ। ସତୀ, ସାଧ୍ୱୀ ପତିବ୍ରତ ସାବିତ୍ରୀଙ୍କ ସ୍ମରଣ ସାଙ୍ଗକୁ ତାଙ୍କ ପନ୍ଥା ଅନୁସରଣ ହେଉଛି ସାବିତ୍ରୀ ବ୍ରତ ପାଳନର ମୂଳ ଲକ୍ଷ୍ୟ। ସଧବା ନାରୀ ପାଇଁ ତାର ସ୍ୱାମୀ ସର୍ବସ୍ୱ। ସାବିତ୍ରୀ ବ୍ରତ ପାଳନ କରି ନାରୀ ନିଜ ପତିଙ୍କ ପାଳନ କରି ନାରୀ ନିଜ ପତିଙ୍କ ଦୀର୍ଘାୟୁ କାମନା କରିଥାଏ। ସାବିତ୍ରୀ ବ୍ରତ କଥାରେ ଉଲ୍ଲେଖ ରହିଛି ଯେ ଜ୍ୟେଷ୍ଠ କୃଷ୍ଣ ଅମାବାସ୍ୟା ଦିନ ସାବିତ୍ରୀ ନାମ ସ୍ମରଣ କରି ଯେଉଁ ନାରୀ ପବିତ୍ର ମନରେ ସାବିତ୍ରୀ ବ୍ରତ କରିବ ସେ ନାରୀ ଜନ୍ମେ ଜନ୍ମେ ସଧବା ରହିବ ଓ ପତି ପରାୟଣ ହୋଇ ପୁତ୍ରବତୀ, ଧନବତୀ ହେବ ଏବଂ ଅନ୍ତିମ କାଳରେ ବୈକୁଣ୍ଠପ୍ରାପ୍ତି ହେବ। ବିଭିନ୍ନ ଅଞ୍ଚଳରେ ନାନା ବିଧିରେ ସାବିତ୍ରୀବ୍ରତ ପାଳନ ହୋଇଥାଏ। କେତେକ ସ୍ଥାନରେ ଶୀଳପୁଆ ହୋଇ ବଟମୂଳରେ, ଚଉରା ମୂଳରେ ପୂଜା କରାଯାଉଥିବା ବେଳେ ଆଉ କେତେକ ସ୍ଥାନରେ ସାବିତ୍ରୀ ମନ୍ଦିରରେ ପୂଜା କରାଯାଏ। ଏହି ବ୍ରତରେ ସାବିତ୍ରୀ ଦେବୀ, ଯମଦେବତା ଏବଂ ସତ୍ୟବାନଙ୍କୁ ପୂଜା କରାଯାଇଥାଏ। କେତେକ ସ୍ଥାନରେ ମଧ୍ୟ ସାବିତ୍ରୀ ଦେବୀ ଯମଦେବତା ଏବଂ ସତ୍ୟବାନଙ୍କ ସହିତ ଲକ୍ଷ୍ମୀ ନାରାୟଣଙ୍କୁ ପୂଜା କରାଯାଇଥାଏ। ସାବିତ୍ରୀ ବ୍ରତ ପାଳନରେ ସ୍ୱତନ୍ତ୍ରତା ହେଉଛି ଏହି ପୂଜାରେ ଅଗ୍ନିଦ୍ୱାରା ସିଦ୍ଧ କୌଣସି ପଦାର୍ଥ ଠାକୁରଙ୍କୁ ନୈବେଦ୍ୟ ରୂପେ ଅର୍ପଣ କରାଯାଏ ନାହିଁ। ବିଭିନ୍ନ ପ୍ରକାର ଫଳ ଓ ଧୁଆ ମୁଗ ହିଁ ଏଥିପାଇଁ ଦରକାର ହୋଇଥାଏ। ସାବିତ୍ରୀ ବ୍ରତ କଥାରୁ ଜଣାଯାଏ ଯେ ସ୍ତ୍ରୀ ମାନେ ଶୀଳ ପୁଆକୁ ପଞ୍ଚାମୃତରେ ଶୁଦ୍ଧପୁତ କରି ସ୍ନାନ କରାଇ ସାବିତ୍ରୀ ରୂପରେ ଥାପନ୍ତି। ଫୁଲ ଚନ୍ଦନ, ଧୂପ ଦୀପ ଓ ନୈବେଦ୍ୟ ତାଙ୍କଠାରେ ଅର୍ପଣ କରନ୍ତି। କଇଁ, କଳାମାଳି ଓ ନୂଆ ଲୁଗା ରଖାଯାଏ। ଆମ୍ବ ପଣସ, ଖଜୁରି, ତାଳ, ନଡ଼ିଆ, ମୁଗ ବତୁରା, ସପୁରୀ ପ୍ରଭୃତି ପୂଜା କରାଯାଏ।

ଓଡ଼ିଆ ଘରର ବୋହୂମାନେ ପାହାନ୍ତାରୁ ଉଠି ଗାଧୁଆ ସାରନ୍ତି ପାଟପଟନୀ ପରିଧାନ କରି ଶୁଦ୍ଧ ମନରେ ସାବିତ୍ରୀ ପୂଜାରେ ମନ ଦିଅନ୍ତି। ଉପବାସ ରୁହନ୍ତି। ପୂର୍ବ ରାତିରେ ମୁଗ ବତୁରାଇ ଥାଆନ୍ତି। ଅପରାହ୍ନରେ ପୂଜା ଶେଷ ହେଲେ ଗଜାମୁଗ, ତାଳ, ନଡ଼ିଆ, ଖଜୁରି, କୋଳି, ପଣସ, ଆମ୍ବ ଓ ସପୁରୀ ପ୍ରଭୃତି ଫଳ ଆହାର କରନ୍ତି। ପୌରାଣିକ ପୃଷ୍ଠଭୂମି ଅନୁସାରେ ସାବିତ୍ରୀ ମଦ୍ର ନରପତି ଅଶ୍ୱପତିଙ୍କର କନ୍ୟା ଏବଂ ସେ ଶାଲ୍ୱ ଦେଶାଧିପତି ଦ୍ୟୁମତ ସେନଙ୍କ ପୁତ୍ର ସତ୍ୟବାନଙ୍କୁ ବିବାହ କରିଥିଲେ। ରାଜ୍ୟ ହରାଇ ପିତାମାତାଙ୍କ ସହିତ ବଣରେ ରହୁଥିଲେ ସତ୍ୟବାନ। ବିବାହର ଏକ ବର୍ଷ ପରେ ସେ ମୃତ୍ୟୁବରଣ କରିବେ ବୋଲି ବିଧି ନିର୍ଦ୍ଦିଷ୍ଟ ଥିଲା। ତେଣୁ ବର୍ଷେ ପୂରିବାର ୩ ଦିନ ପୂର୍ବରୁ ସାବିତ୍ରୀ କଠୋର ଧ୍ୟାନରେ ବସିଲେ। ୪ର୍ଥ ଦିନ ଅର୍ଥାତ୍ ଯେଉଁ ଦିନ ସତ୍ୟବାନଙ୍କର ମୃତ୍ୟୁ ହେବାର ଥିଲା ସେ ଦିନ ଶାଶୁ ଶ୍ୱଶୁରଙ୍କୁ ପ୍ରଣାମ କରି ପତିଙ୍କୁ ଧରି ସାବିତ୍ରୀ ବଣକୁ ଗଲେ। ସେଠାରେ ସତ୍ୟବାନ କାଠ କାଟୁ ଥିବା ବେଳେ ମସ୍ତକରେ ପୀଡ଼ା ଅନୁଭବ କଲେ ଏବଂ ସାବିତ୍ରୀଙ୍କ କୋଳରେ ମସ୍ତକ ଧରି ଚିରଦିନ ପାଇଁ ଆଖି ବୁଜିଲେ। ଏହାପରେ ସ୍ୱୟଂ ଯମରାଜ ସେଠାରେ ପହଞ୍ଚି ସତ୍ୟବାନ ଶରୀରରୁ ଅଙ୍ଗୁଳି ପରିମିତ ଜୀବନକୁ ଫାସରେ ବାନ୍ଧି ଦକ୍ଷିଣାଭିମୁଖୀ ଯାତ୍ରା କରିବା ମାତ୍ରକେ ସାବିତ୍ରୀ ତାଙ୍କର ଅନୁଗମନ କଲେ। ଯମରାଜ ଯେତେ ବୁଝାଇଲେ ସେ ବୁଝିଲେ ନାହିଁ। ତେଣୁ ଯମତାଙ୍କୁ ସତ୍ୟବାନଙ୍କ ଜୀବନ ବ୍ୟତୀତ ଅନ୍ୟ ଯାହା ମାଗିଲେ ଦେବେ ବୋଲି କହିଲେ। ସାବିତ୍ରୀ କହିଲେ ମୋର ଅନ୍ଧ ଶ୍ୱଶୁରଙ୍କୁ ଚକ୍ଷୁଦାନ କରି ତେଜସ୍ୱ କରନ୍ତୁ। ଯମରାଜ ତଥାସ୍ତୁ କହିଲେ। ଶେଷରେ ସେ ନିଜ ପାଇଁ ଶହେ ପୁତ୍ର ମାଗିଲେ। ଯମରାଜ ତଥାସ୍ତୁ କହନ୍ତେ ବୁଦ୍ଧିମତୀ ସତୀ ସାବିତ୍ରୀ କହିଲେ ଆପଣ ମୋର ପତିଙ୍କୁ ନେଇ ଯାଉଛନ୍ତି ମୁଁ ପୁତ୍ରବତୀ ହେବି କିପରି। ଶେଷର ସାବିତ୍ରୀଙ୍କ ପାଖରେ ପରାଜୟ ସ୍ୱୀକାର କରି ଯମରାଜ ସତ୍ୟବାନଙ୍କୁ ଜୀବନ ଫେରାଇ ଦେଇଥିଲେ। ସତ୍ୟବାନ ପୁନଃ ଜୀବନ ଲାଭ କରି ସାବିତ୍ରୀଙ୍କୁ ଧରି ଆଶ୍ରମକୁ ଫେରିଲେ ଏବଂ ପିତାଙ୍କ ଚକ୍ଷୁଲାଭ, ରାଜ୍ୟ ଲାଭ କରିଥିବା ଦେଖି ସମସ୍ତ କଥା ଶୁଣି ପତିବ୍ରତା ନାରୀର ପ୍ରଶଂସା କଲେ। ସତ୍ୟବାନ ସିଂହାସନରେ ବସିଲେ, ସାବିତ୍ରୀ ନାରୀ ଜଗତରେ ଚିରଦିନ ପୂଜ୍ୟା ଏବଂ ସ୍ମରଣୀୟ ହୋଇ ରହିଲେ।

**ପୁଷ୍ପଲତା ଦାସ,** ବି/୨୮, କାଠଯୋଡ଼ି ଏନକ୍ଲେଭ, ସେକ୍ଟର-୯, ସିଡିଏ, କଟକ, ଦୂରଭାଷ : ୯୯୩୭୦୫୨୬୬୩

# ସାବିତ୍ରୀ ଅମାବାସ୍ୟା



**ସା**ବିତ୍ରୀବ୍ରତ ଜ୍ୟେଷ୍ଠ ଅମାବାସ୍ୟାରେ ପାଳିତ ହୁଏ। ଏହାର ଅନ୍ୟନାମ ସାବିତ୍ରୀ ଅମାବସ୍ୟା। ଏହା ସ୍ତ୍ରୀମାନଙ୍କର କର୍ତ୍ତବ୍ୟ ବ୍ରତ ହିସାବରେ ପାଳିତ ହୁଏ। ଏଥିରେ ବିବାହିତ ନାରୀମାନେ ସନ୍ତାନ ସୁଖ, ଆଜୀବନ ସ୍ୱାମୀ ସୁହାଗ ସୁଖ, ପରିବାରର ଅନ୍ୟମାନଙ୍କ ପ୍ରତି ପ୍ରୀତିଭାଜନ ସୁଖ ଲୋଡ଼ିଥା'ନ୍ତି ତଥା ଗୁରୁଜନମାନଙ୍କର ଆଶୀର୍ବାଦ ଭିକ୍ଷା କରିଥାଆନ୍ତି।

କେହି ଭାବନ୍ତି ଯେ ଏହି ବ୍ରତରେ ସାବିତ୍ରୀ ଓ ସତ୍ୟବାନଙ୍କୁ ପୂଜା କରାଯାଏ। ଏଥିପାଇଁ ଚଉରାମୂଳେ ଏହି ବ୍ରତୋତ୍ସବ ପାଳନବେଳେ ସାବିତ୍ରୀ ଓ ସତ୍ୟବାନଙ୍କ କାହାଣୀ ସମ୍ବଳିତ ସେମାନଙ୍କର ଜୟଗାନ କରାଯାଏ। ବାସ୍ତବରେ ଏ ପୂଜାର ଆରାଧ୍ୟ ଦେବୀ ମା' ସାବିତ୍ରୀ। ଏ ସାବିତ୍ରୀ ହେଉଛନ୍ତି ମା' ଗାୟତ୍ରୀ, ଦୁର୍ଗା, ବ୍ରହ୍ମାଙ୍କ ପତ୍ନୀ ସୂର୍ଯ୍ୟାଧିଷ୍ଠାତ୍ରୀ ଦେବୀ। ଏ ଦେବୀ ରାଜା ସତ୍ୟବାନଙ୍କର ପତ୍ନୀ ସାବିତ୍ରୀ ନୁହଁନ୍ତି। ତେବେ ଦେବୀ ସାବିତ୍ରୀଙ୍କର ମାନବୀ ସାବିତ୍ରୀଙ୍କ ପ୍ରତି ଆଶୀର୍ବାଦ ଓ କରୁଣା କିପରି ସତ୍ୟବାନଙ୍କୁ ଧର୍ମ ବା ଯମଠାରୁ ଫେରାଇ ଆଣିଲା, ତାହାକୁ ଆଧାରକରି ମା' ଗାୟତ୍ରୀଙ୍କୁ ମହିମାନ୍ୱିତ କରାଯାଇଛି।

ମହାଭାରତ ବର୍ଣ୍ଣିତ କାହାଣୀରେ ମଦ୍ର ଦେଶର ଅଶ୍ୱପତି ନାମରେ ଜଣେ ରାଜା ଥିଲେ। ସେ ନିଃସନ୍ତାନ ଥିଲେ। ସନ୍ତାନଟିଏ ପାଇଁ ବ୍ୟାକୁଳ ହୋଇ



ସେ ଅଠରବର୍ଷ କାଳ ମା' ସାବିତ୍ରୀ (ଗାୟତ୍ରୀ)ଙ୍କୁ ପୂଜାକଲେ। ତାଙ୍କ ଆଶୀର୍ବାଦରୁ କନ୍ୟାରତ୍ନଟିଏ ସେ ଲାଭ କଲେ। ସେ ତା' ନା' ରଖିଲେ ସାବିତ୍ରୀ। ଏ ଗାୟତ୍ରୀ କ୍ରମଶଃ ଯୌବନରେ ପାଦଦେଲେ। 'ରାଜକୁମାରୀ' ଶବ୍ଦଟି ରୂପଯୌବନ ସଂପନ୍ନ କୌଣସି ରାଜାର କନ୍ୟାକଥାକୁ ବୁଝାଏ। ସେ ମର୍କଟୀ ହେଲେ ବି, ରାଜକୁମାରୀ ଏବଂ ସୁନ୍ଦରୀ କାରଣ ଯାହାହେଲେ ବି ସେ ରାଜାର ଝିଅ। କିନ୍ତୁ ସାବିତ୍ରୀ ରାଜକୁମାରୀମାନଙ୍କ ମଧ୍ୟରେ ସୁନ୍ଦରପଣକୁ ଶିରୋମଣି, ଅସାଧାରଣ ବା ପରମା ସୁନ୍ଦରୀ। ରାଜା ଅଶ୍ୱପତିଙ୍କ ପାଇଁ ସାବିତ୍ରୀଙ୍କ ନିମନ୍ତେ ବରଖୋଜା ଏକ ସମସ୍ୟା ହୋଇଗଲା। କାରଣ ସାବିତ୍ରୀଙ୍କର ରୂପ ଓ ଗୁଣର ପ୍ରତିଭାରେ ରାଜକୁମାର ମାନେ ଯେମିତି ନିଜକୁ ମଳିନ, ନିଷ୍ପ୍ରଭ ଓ ଅଯୋଗ୍ୟ ମନେକରୁଥିଲେ। ତେଣୁ ଯେତେ ପ୍ରସ୍ତାବ ବାଢ଼ିଲେବି, ସେମାନେ ଦୂରେଇ ଯାଉଥିଲେ। ଶେଷରେ ପିତା ଅଶ୍ୱପତି ସାବିତ୍ରୀଙ୍କୁ ଅନୁରୋଧ କଲେ ଯେ ସେ ତା' ନିଜର ଇଚ୍ଛାବର ଠିକ୍ କରୁ।

ସାବିତ୍ରୀ ପିତାଙ୍କ ବୋଝକୁ ଓହ୍ଲାଇବାରେ ସମ୍ମତି ପ୍ରକାଶ କଲେ ଏବଂ ସହଚରୀମାନଙ୍କ ଗହଣରେ ବରଖୋଜାରେ ଘୋର ବନସ୍ତଙ୍କୁ ବାହାରି ପଡ଼ିଲେ। ପୁରାତନ କାହାଣୀମାନଙ୍କରେ ରାଜକୁମାର ଓ ରାଜକୁମାରୀମାନଙ୍କର ମିଳନର ସ୍ଥଳୀ ଥିଲା ଘୋର ବନସ୍ତ; ରାଜା ପୁତ୍ରର ଦୁଃସାହସିକ ଭ୍ରମଣ ଅଥବା ପାରିଧି ଏବଂ ଆବଲୀଳାକ୍ରମେ ଜଙ୍ଗଲ ମଧ୍ୟରେ କୌଣସି ଭ୍ରମଣରତ ବା ସେମିତି କିଛିରେ ରାଜାକୁମାରୀ ସହିତ ସାକ୍ଷାତ ଏବଂ ପ୍ରେମର କାହାଣୀ ଅନେକ ଅଛି। କେଉଁଠି ମଧ୍ୟ ଶତ୍ରୁ ପକ୍ଷ ଦ୍ୱାରା ପରାସ୍ତ ହୋଇ ରାଜପୁତ୍ରର ଅଜ୍ଞାତ ବାସ ଏବଂ ପରବର୍ତ୍ତୀ ସମୟରେ ତା'ର ଆବିଷ୍କାର। ଏମିତି ଏକ କାହାଣୀଥିଲା ସାବିତ୍ରୀ ଓ ସତ୍ୟବାନଙ୍କର।

ଶାଲ୍ୱରାଜ ବଂଶର ରାଜା ଦ୍ୟୁମତ୍ସେନ ତାଙ୍କ ରାଜତ୍ୱକାଳରେ ଦୃଷ୍ଟିଶକ୍ତି ହରାଇଥିଲେ। ତାଙ୍କର ଏହି ଦୁର୍ବଳତାର ସୁଯୋଗ ନେଇ ଶତ୍ରୁପକ୍ଷ ତାଙ୍କ ରାଜ୍ୟ ଦଖଲ କଲେ ଏବଂ ସେ ଜୀବନ ଧରି ଆସି ବନସ୍ତରେ ଆତ୍ମଗୋପନ କଲେ। ପାଖରେ ଥିଲେ ତାଙ୍କ ପତ୍ନୀ ଏବଂ ଏକମାତ୍ର ସନ୍ତାନ ସତ୍ୟବାନ।

ସତ୍ୟବାନ ସତ୍ୟନିଷ୍ଠ, ନମ୍ର, ଭଦ୍ର, କର୍ତ୍ତବ୍ୟ ପରାୟଣ ଏବଂ ପିତାମାତାଙ୍କର ଥିଲେ ସୁଯୋଗ୍ୟ ସନ୍ତାନ। ସେ ତାଙ୍କ ପିତାମାତାଙ୍କ ସେବାକୁ ପରମଧର୍ମ ବୋଲି ଭାବୁଥିଲେ। ଅନ୍ୟ ପକ୍ଷରେ ସେ ଥିଲେ ସୁଶ୍ରୀ, ସୁନ୍ଦର, ସୁଠାମ ଏବଂ ସ୍ୱାସ୍ଥ୍ୟବାନ, ଗୁଣବାନ୍, ଉଦାର ଓ ସେବାର ଥିଲେ ମୂର୍ତ୍ତିମନ୍ତ ଶ୍ରେଷ୍ଠ ବିଭବ। ଗୋଟିଏ ନାରୀର ହୃଦୟରେ ଆସନଟିଏ ପାଇବାପାଇଁ ରୂପ-ଗୁଣ-ବିଭବ ତିନିହେଁ ତିନିକୁ ବଳି ଯାଉଥିଲେ। ଜଣେ ସତୀ, ସ୍ୱାଧୀ ଏବଂ ବିଜ୍ଞା ନାରୀଟି ଆଖିରେ ପାର୍ଥିବ ସଂପତ୍ତି ତା' ପାଇଁ ବିଭବ ନୁହେଁ, କାହାର ସୁଚରିତ୍ର ଅର୍ଥାତ୍ ସ୍ୱାମୀର ସୁ-କାର୍ଯ୍ୟାବଳୀ ହିଁ ଶ୍ରେଷ୍ଠ ସଂପଦ। ସେ ସତ୍ୟବାନଙ୍କୁ ଦେଖୁ ଦେଖୁ ତାଙ୍କ ପ୍ରେମରେ ଅନ୍ଧହୋଇଗଲେ ଏବଂ ତାଙ୍କୁ ବିବାହ କରିବା ନିମନ୍ତେ ସଂକଳ୍ପ ବଦ୍ଧ ହେଲେ ଓ ପତିରୂପେ ବରଣ କଲେ। ଗୃହକୁ ଫେରି ଏକଥା ପିତାଙ୍କୁ ଜଣାଇଲା ବେଳକୁ ସେଠାରେ ନାରଦ ଉପସ୍ଥିତ ଥିଲେ। ଦୁହେଁ ତ ଖୁସି ହେଲେ ନିଶ୍ଚିତ ତେବେ ନାରଦ ସୂଚାଇ ଦେଲେ ଯେ ସତ୍ୟବାନ୍ ସାବିତ୍ରୀଙ୍କର ଯୋଗ୍ୟ ସ୍ୱାମୀ ହେଲେ ହେଁ, ବିବାହର ଏକବର୍ଷ ପୂର୍ତ୍ତି ଦିନ ତାଙ୍କର ବୈଧବ୍ୟ ଯୋଗ ଅଛି। ଏଣୁ ସାବିତ୍ରୀ ମତପରିବର୍ତ୍ତନ କରି ଅନ୍ୟତ୍ର ଦେଖନ୍ତୁ। ସେଦିନ ସାବିତ୍ରୀଙ୍କର ଦୃଢ଼ୋକ୍ତି ଥିଲା; ଜଣେ ସତୀ ନାରୀ ଜଣକୁ ତା' ଦେହ ଓ ମନ ସମର୍ପି ଦେଲାପରେ, ଯେତେ ଯାହା ହେଲେ ବି ସେ ଦ୍ୱିତୀୟ ପତି ଗ୍ରହଣ କରିପାରେ ନା ! ସତ୍ୟବାନ୍ ଥାଉ ଥାଉ ମୁଁ ଅସତୀ ହୋଇପାରିବି ନାହିଁ।

ସେଦିନ ମୃଦୁ ହସି ନାରଦ କହିଥିଲେ : ମୁଁ ଜାଣେ ସାବିତ୍ରୀ, ତୁମ ପାଇଁ ସବୁ ସମ୍ଭବ। ସାବିତ୍ରୀଙ୍କର ସତ୍ୟବାନଙ୍କ ସହିତ ଯଥାରୀତି ବିବାହ ସଂପର୍ଣ୍ଣ ହେଲା। ସାବିତ୍ରୀ ଉଭୟଙ୍କର ବଂଶ ପରିଚିତି ଓ ଦୂରବସ୍ଥା ପ୍ରତି ଅବଗତ ହେଲେ। ନିଜ ସ୍ୱାମୀ ପରିବାରର ଦୁଃଖ ସହିତ ନିଜକୁ ସାମିଲ କରି ସେବା ଏବଂ କର୍ତ୍ତବ୍ୟ ସଂପାଦନା ବଳରେ ସମସ୍ତଙ୍କର ବିଶେଷକରି ସ୍ୱାମୀ , ଅନ୍ଧ ଶ୍ୱଶୁର, ଶାଶୁ, ଋଷି ଓ ଗୁରୁଜନମାନଙ୍କର ବିଶ୍ୱାସ ଓ ପ୍ରିୟଭାଜନ ହେଲେ।

ନାରଦଙ୍କ ବାଣୀ କାନରେ ଶୁଣାଯାଉଥାଏ : ବିବାହର ବର୍ଷ ପୂର୍ତ୍ତିଦିନ....। ସତ୍ୟବାନ୍। ବର୍ଷ ପୂର୍ତ୍ତିପାଇଁ ଚାରିଦିନ ବାକିଥାଏ। ସେ ନିର୍ଜଳା ଉପବାସ କଲେ। ସମସ୍ତଙ୍କ ଅନୁରୋଧକୁ ପ୍ରତ୍ୟାଖାନ କରି ଉପାସ ରହିଲେ ଏବଂ ଶେଷରେ ଚତୁର୍ଥ ଦିନ ଶାଶୁ ଓ ଶ୍ୱଶୁରଙ୍କ ଅନୁମତି ନେଇ ସତ୍ୟବାନଙ୍କ ସହ କାଠ ସଂଗ୍ରହ ପାଇଁ ବନସ୍ତକୁ ଗଲେ। ଏଇଟା ଥିଲା ଗୋଟିଏ ବାଧ ବୋହୂପ୍ରତି ପ୍ରଥମ ଅବାଧକାର୍ଯ୍ୟ ତଥା ଜଙ୍ଗଲକୁ ସ୍ୱାମୀ ସଂଗେ ଯିବା ପ୍ରଥମ। ଏହା ସମସ୍ତଙ୍କୁ ଆଚମ୍ୱିତ କରୁଥିଲେ ହେଁ, ତାଙ୍କ ପାଇଁ କାହାଠି ପ୍ରଶ୍ନ ନଥିଲା।

ଜଙ୍ଗଲ ମଧ୍ୟରେ ଗଲାବେଳେ ସେମାନେ ଫଳମୂଳ ଗୋଟିଏ ଝୁଲା ମୁଣିରେ ସଂଗ୍ରହ କରୁଥିଲେ। କିଛି ଦୂର ଅତିକ୍ରାନ୍ତେ ଜଙ୍ଗଲ ମଧ୍ୟରେ ଏକ ଶୁଖିଲା ବୃକ୍ଷ ପଡ଼ିଲା। ସେଇଠି ଝୁଲାମୁଣିଠି ଟଙ୍ଗେଇ ଗଛ ଉପରେ ଚଢ଼ିଲେ ସତ୍ୟବାନ। କାଟିଲେ ଶୁଖିଲାକାଠ। ହଠାତ୍ ତାଙ୍କ ମୁଣ୍ଡ ଘୁରାଇବା ଆରମ୍ଭ ହେଲା। ସେ ଭୂପାତ ହେଲେ। ସାବିତ୍ରୀ ତାଙ୍କ କୋଳକୁ ସତ୍ୟବାନ୍‌ଙ୍କୁ ଉଠାଇ ନେଲେ।

ଏବେ ଯମ ବା ଧର୍ମ ବର୍ତ୍ତମାନ ହୋଇ କହିଲେ : ସାବିତ୍ରୀ, ସତ୍ୟବାନଙ୍କର ସତ୍ୟ ନିଷ୍ଠତା ତଥା ସେବା ଓ କର୍ତ୍ତବ୍ୟ ପରାୟଣତା ମୋତେ ମୁଗ୍ଧ କରିଛି। ଏଣୁ ମୁଁ ଦୂତମାନଙ୍କୁ ନ ପଠାଇ ନିଜେ ସମ୍ମାନର ସହିତ ତାଙ୍କୁ ନେଇଯିବାକୁ ଆସିଛି। ଆଉ ମୁହୂର୍ତ୍ତଟିଏ ଏଠି ରହିବାର ଅଧିକାର ନାହିଁ। ଏତିକି କହି ସେ ତାଙ୍କ ଡାହାଣ ହାତ ପ୍ରସାରଣ କରି ସତ୍ୟବାନଙ୍କ ଆତ୍ମାକୁ ନିଜଆଡ଼କୁ ଟାଣିନେଲେ ଏବଂ ଚାଲିଗଲେ। ସାବିତ୍ରୀ ସତୀ ଥିଲେ। ଜଣେ ସତୀ ନାରୀପାଇଁ ସବୁ ସମ୍ଭବ ତେଣୁ ସ୍ୱଦେହରେ ସାବିତ୍ରୀ ଯମକୁ ଅନୁଗମନ କଲେ। ଯମ ତାଙ୍କୁ ବାରମ୍ବାର କହୁଥା'ନ୍ତି ତୁମେ ତୁମ କର୍ତ୍ତବ୍ୟ ସାରିଛ। ଏଥର ଫେରିଯା'। ସେ କିନ୍ତୁ ତାଙ୍କ କଥା ନଶୁଣି ନିଜ ବ୍ୟବହାର ଓ କଥା ଛଳରେ ଧର୍ମଙ୍କ ହୃଦୟକୁ ଜୟ କରିନେଲେ ଏବଂ ତାଙ୍କୁ ଗୋଟିଏ ପରେ ଗୋଟିଏ ବର ମାଗିନେଲେ। ଅବଶ୍ୟ ଯମ ସର୍ତ୍ତ ରଖିଥିଲେ ଯେ ସତ୍ୟବାନଙ୍କ ଜୀବନ ବ୍ୟତୀତ ଆଉ ଯାହା କିଛି ମାଗିପାରନ୍ତି।

ଏହିକ୍ରମେ ପ୍ରଥମ ବର : ମୋ ଶ୍ୱଶୁର ରାଜ୍ୟହରା ଓ ଅନ୍ଧ। ତାଙ୍କ ରାଜ୍ୟ ତାଙ୍କୁ ଫେରାନ୍ତୁ ଏବଂ ଦୃଷ୍ଟିଶକ୍ତି ଦିଅନ୍ତୁ। 'ତଥାସ୍ତୁ।' 'ମୋ ପିତା ନିଃସନ୍ତାନ, ତାଙ୍କୁ ପୁତ୍ର ଦାନ କରନ୍ତୁ।' 'ତଥାସ୍ତୁ।' 'ମୋତେ ଏକ ସୁଯୋଗ୍ୟ ପୁତ୍ରର ମାତା ହେବାର ପରମ ସୌଭାଗ୍ୟ ଦିଅନ୍ତୁ।' 'ତଥାସ୍ତୁ।'

ସାବିତ୍ରୀ କହିଲେ : ହେ ଧର୍ମଦେବ, ମୁଁ ମୋ ପତି ବିନା କିପରି ମାତୃତ୍ୱ ପ୍ରାପ୍ତି ହେବି ? ମୁଁ ଯେ ସତୀ ନାରୀ। ମୁଁ କେବେବି ପର ପୁରୁଷକୁ ଅନାଇ ପାରିବି ନାହିଁ। ଆପଣ ମୋ ସ୍ୱାମୀଙ୍କ ଜୀବନ ଫେରାନ୍ତୁ।

ଅଗତ୍ୟା ଯମ ନିରୁପାୟ। ସେ ପ୍ରତିଶ୍ରୁତିବଦ୍ଧ। ଏଣୁ ବାଧହୋଇ କହିଲେ : ତଥାସ୍ତୁ। ଏହାପରେ ସାବିତ୍ରୀ ତାଙ୍କ ସ୍ୱାମୀଙ୍କ ଶବପାଖକୁ ଫେରିଲେ। ସତ୍ୟବାନଙ୍କର ମଥାଟିକୁ ନିଜ କୋଳରେ ରଖି ଆଉଁଷି ଦେଲେ। କହିଲେ : ଉଠ, ଅନ୍ଧାର ହେଲାଣି। ଘରକୁ ଯିବା। ସମସ୍ତେ ବ୍ୟସ୍ତ ହେଉଥିବେ। ନିଦ୍ରାରେ ସ୍ୱପ୍ନରୁ ଉଠିଲାପରି ସତ୍ୟବାନ ଅଖି ମଳିମଳି ଉଠିଲେ। କେମିତି କ'ଣ ଗୋଟେ ହୋଇଗଲା ଯେ ସେ ଏତେ ସମୟ କ୍ଲାନ୍ତ ଓ ଶ୍ରାନ୍ତ ହୋଇଯିବାରୁ ଶୋଇଗଲେ ବୋଲି ପୁଚ୍ଛିଲେ। ସାବିତ୍ରୀ କହିଲେ : ଏବେ ନୁହେଁ, କାଲି। ଏବେ ଶୀଘ୍ର ଘରକୁ ଫେରିବା ବେଳ।

ଏହାପରେ ସେ ଫଳ ପୂର୍ଣ୍ଣ ଝୁଲାମୁଣିଟି ସେହି ଗଛରେ ନଟକାଇ ଦେଲେ। ତାଙ୍କୁ ପରେ ନେବେ ବୋଲି କହିଲେ। ସେ ସତ୍ୟବାନଙ୍କୁ ଧିରେ ଧିରେ ଉଠାଇ ଛିଡା କଲେ। ତାଙ୍କର ବାମହାତଟି ନିଜ କାନ୍ଧରେ ଭାରା ପାଇଁ ରଖିଲେ ନିଜର ଡାହାଣ ହାତରେ ସତ୍ୟବାନଙ୍କର କମରକୁ ଆବଦ୍ଧ କରି ଏହିପରି ଭଙ୍ଗିରେ ସେ ଦୁର୍ବଳ ଶରୀରଟି ଧରି ଗୃହମୁଖେ ଯାତ୍ରା କଲେ। ଘରେ ପହଞ୍ଚି ଦେଖିଲେ ଯମ ଦେଇଥିବା ସମସ୍ତ ପ୍ରତିଶ୍ରୁତି ପାଳନ କରିଛନ୍ତି। ଏହା କିପରି ଘଟିଲା ବୋଲି ସେ ସମସ୍ତଙ୍କର ଜିଜ୍ଞାସୁ ପ୍ରଶ୍ନର ଉତ୍ତର ଦେଲେ। ଏକଥା ଶୁଣି ସମସ୍ତେ ଆଚମ୍ୱିତ ହେଲେ ଏବଂ କହିଲେ : ତୁ ପୂଜ୍ୟା ମା'।

ସାବିତ୍ରୀ କହିଲେ : ନା' ମୁଁ ପୂଜ୍ୟା ନୁହେଁ; ପୂଜ୍ୟା ହେଉଛନ୍ତି ମା' ସାବିତ୍ରୀ : ଗାୟତ୍ରୀ। ମୁଁ ମାନବୀ। ତାଙ୍କ ପ୍ରସାଦରୁ ପିତା ମୋତେ ପାଇଛନ୍ତି ଏବଂ ନା ରଖିଛନ୍ତି ସାବିତ୍ରୀ, ତାଙ୍କ ପାଇଁ ସବୁ ସମ୍ଭବ। ପୁନଶ୍ଚ ପୂଜ୍ୟ ହେଉଛନ୍ତି ଯମଦେବ। ସେ ମୋର ସକଳ ଆଶା ପୂରଣ କରିଛନ୍ତି। ମୋ ସ୍ୱାମୀଙ୍କୁ ପୁର୍ନଜନ୍ମ ଦେଇଛନ୍ତି। ପୂଜ୍ୟ ହେଉଛନ୍ତି ଆପଣମାନେ। ଆପଣଙ୍କର ଆଶୀର୍ବାଦ ମୋ ସାଧନାକୁ ସଫଳ କରିଛି।

ଅଥଚ ଆଜି ଏ ବ୍ରତରେ ଭରି ରହିଛି କୃତ୍ରିମତା। କର୍ତ୍ତବ୍ୟ ଏବଂ ସେବା ପରିବର୍ତ୍ତେ ଆଜିର ସାବିତ୍ରୀମାନେ ନିଜର ଶାଶୁ, ଶ୍ୱଶୁର, ସ୍ୱାମୀ ଏବଂ ପରିବାର ବର୍ଗକୁ ଦିଅନ୍ତି ନିର୍ଯାତନା। ପୂର୍ଣ୍ଣ ସ୍ୱାଧୀନତା ଏବଂ ତୁଚ୍ଛା ସ୍ୱାର୍ଥକୁ ଏମାନେ ଅମୃତରେ ମିଶାନ୍ତି ବିଷ। କାହାକୁ ମୃତ୍ୟୁ ମୁଖରୁ ଫେରାଇ ଆଣିବା ପରିବର୍ତ୍ତେ, ଦେଖାଇ ଦିଅନ୍ତି ମୃତ୍ୟୁର ପଥ। ବଂଶ ଉଦ୍ଧାରିବା ପରିବର୍ତ୍ତେ, ବଂଶ ନାଶର ପ୍ରତିଶ୍ରୁତି ଧରି ଆସିଥାନ୍ତି ଶ୍ୱଶୁରାଳୟ। ଶୃଙ୍ଖଳିତ ପରିବାର ଓ ସମାଜଟିଏ ଗଢ଼ିବାପାଇଁ ଯେଉଁ ନାରୀର ଭୂମିକା ଥିଲା ଅତି ଗୁରୁତ୍ୱପୂର୍ଣ୍ଣ ସେ ଆଜି ପାଲଟିଛି ମହାବିସ୍ଫୋରକ ଆଗ୍ନେୟସ୍ତୁପ। ଏଠି କୌଣସି ସ୍ତ୍ରୀ ସତୀ ଓ ସାଧ୍ୱୀ ପରି ମନେହୁଏ ନାହିଁ। କାରଣ ଦେହରେ ସତୀଥାଇ କେହିବି ମନରେ ଅସତୀ ଥାଇପାରେ କିମ୍ବା କେଉଁ ପୁରୁଷ ଏଠି ସତ୍ୟନିଷ୍ଠ ନୁହେଁ। ସମସ୍ତେ ଏଠି ଉଦ୍‌ଭ୍ରାନ୍ତ ଏବଂ ବିଭ୍ରାନ୍ତ। ସାବିତ୍ରୀ ଓ ସତ୍ୟବାନଙ୍କର ଦୃଷ୍ଟାନ୍ତ ଖୋଜି ଏଠି କୋଟିକରେ ଗୋଟିଏ ବି ନାହିଁ ଅଥଚ ପୂଜା ଚାଲିଛି। ଐତିହାସିକ ପୃଷ୍ଠଭୂମିରେ ଆଧାରିତ ଏବଂ ପୌରାଣିକ କାହାଣୀରେ ବର୍ଣ୍ଣିତ 'ସାବିତ୍ରୀ : ସତ୍ୟବାନ୍' ରେ ସତ୍ୟତା କେତେ ଅଛି, ଆମେ ଜାଣିବାରେ ଯେତିକି ଆଗ୍ରହ ନୋହୁଁ ତା' ଠୁ ବେଶି ଆଗ୍ରହୀ ଯେ ଏକ ସୁସ୍ଥ ପରମ୍ପରା ଗଠନରେ ଏହାର ଯୋଜନାବଦ୍ଧ ଗଠିତ ନକ୍ସାଟି। ଏଇ ଯେମିତି ଶୃଙ୍ଖଳ, ଶୃଙ୍ଖଳା ଓ ନ୍ୟାୟ ପାଇଁ ଯମ, ସଂଯମତା ଓ ଚାରିତ୍ରିକ ଦୁର୍ବଳତା ତଥା ସ୍ଖଳନରୁ ମୁକ୍ତି ପାଇଁ ନାରୀର ସତୀତ୍ୱ ଏବଂ ପୁରୁଷର ଯତିତ୍ୱ ରକ୍ଷା : ସୁ- ଶୃଙ୍ଖଳିତ ପରିବାର ଏବଂ ସମାଜ ଗଠନରେ ନାରୀ ପୁରୁଷର ସମ୍ପର୍କ, ଜ୍ୟେଷ୍ଠ ବା ବରିଷ୍ଠମାନଙ୍କର କନିଷ୍ଠ ମାନଙ୍କ ପ୍ରତି ଆଶୀର୍ବାଦ, କନିଷ୍ଠମାନଙ୍କର ବରିଷ୍ଠମାନଙ୍କ ପ୍ରତି ଭକ୍ତି ଓ ସମ୍ମାନ ଏବଂ ସର୍ବୋପରି ପରିବେଶ ସୁରକ୍ଷାର ସଚେତନତା ସୃଷ୍ଟିରେ ଶୁଖିଲା କାଠ ସଂଗ୍ରହ ଇତ୍ୟାଦି ଅନେକ ଶିକ୍ଷଣୀୟ ତଥ୍ୟ ଏହା ବହନ କରେ। ଅଥଚ ସାର୍ଥକତାର ସ୍ୱାର୍ଥ ଭିତରେ ଏବେ ନିରାର୍ଥକର ପ୍ରଶ୍ନମାନେ ଉଙ୍କି ମାରନ୍ତି ସାମ୍ପ୍ରତିକ ଅବହାଓ୍ୱାରେ, ଏହାହିଁ ଦୁଃଖ।

**ବିପିନବିହାରୀ ମହାନ୍ତି, ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିକାଶନଗର, ଜଟଣୀ, ଖୋର୍ଦ୍ଧା, ଫୋନ୍-୯୯୩୮୩୪୪୧୩୮**


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ପ୍ରଧାନମନ୍ତ୍ରୀ ପିଏମ କେୟାର ଯୋଜନାରେ ୭ ଜଣ ଅନାଥ ଶିଶୁଙ୍କୁ ସହାୟତା

ଖୋର୍ଦ୍ଧା, (ପିଏନ) : ଦେଶରେ କୋଭିଡ ମହାମାରୀରେ ଯେଉଁ ଶିଶୁ ସେମାନଙ୍କର ପିତାମାତାଙ୍କୁ ହରାଇ ସମ୍ପୂର୍ଣ୍ଣ ଅନାଥ ହୋଇଛନ୍ତି ସେମାନଙ୍କୁ ଆଜି ପ୍ରଧାନମନ୍ତ୍ରୀ  ନରେନ୍ଦ୍ର ମୋଦୀ ଅଭାସୀ ମାଧ୍ୟମରେ ପିଏମ କେୟାର ଯୋଜନାରେ ଅନ୍ତର୍ଭୁକ୍ତ କରାଇ ଜିଲ୍ଲାପାଳଙ୍କ ମାଧ୍ୟମରେ ସହାୟତା ପ୍ରଦାନ କରିଛନ୍ତି ।ଖୋର୍ଦ୍ଧା ଜିଲ୍ଲାରେ ମୋଟ ୭ ଜଣ ଶିଶୁଙ୍କୁ ପ୍ରଧାନମନ୍ତ୍ରୀ ଉପରୋକ୍ତ ସହାୟତା ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ମାଧ୍ୟମରେ ପ୍ରଦାନ କରିଛନ୍ତି । ପ୍ରତ୍ୟେକ ଶିଶୁଙ୍କୁ ଦଶଲକ୍ଷ ଟଙ୍କା ଯାହାକି ସେମାନେ ୨୩ ବର୍ଷ ପରେ ଉଠାଇ ପାରିବେ ତତ ସହିତ ଏକ୍ସ ଗ୍ରାସିଆ ପଚାଶ ହଜାର ଟଙ୍କା ପ୍ରଦାନ କରିବା ସହ ଏହି ଯୋଜନାରେ ପିଲା ମାନଙ୍କ ପାଇଁ କେନ୍ଦ୍ରୀୟ ବିଦ୍ୟାଳୟ ,ନବୋଦୟ ବିଦ୍ୟାଳୟଓ ସୈନିକ ବିଦ୍ୟାଳୟରେ ପାଠ ପଢିବା ପାଇଁ ସୁଯୋଗ ପାଇବେ ବୋଲି କହିଥିଲେ ।ଏତଦ ବ୍ୟତୀତ ଏହି ପିଲାମାନେ ଯଦି ଭବିଷ୍ୟତରେ ବୈଷୟିକ ଶିକ୍ଷା ନିମନ୍ତେ ଇଚ୍ଛୁକ ହେବେ ତେବେ ସେମାନଙ୍କୁ ବାର୍ଷିକ କୋଡିଏ ହଜାର ଟଙ୍କା ପ୍ରଧାନମନ୍ତ୍ରୀ ଆଭାସୀ ଯୋଜନା ମିଳି ପାରିବ ବୋଲି ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ମନୋଜ କୁମାର ପାଢୀ,ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ନୀଳକଣ୍ଠ ତ୍ରିପାଠୀ,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକଙ୍କ ସମେତ ଜେଜେବିର ସି ଡବ୍ଲୁସିର ସଦସ୍ୟ/ସଦସ୍ୟା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।କାର୍ଯ୍ୟକ୍ରମକୁ ଖୋର୍ଦ୍ଧା ଜିଲ୍ଲାରୁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ଏଲପିଓ ସୌମେନ୍ଦ୍ର ନାୟକ,ଅନୁପ କୁମାର ବେହେରା ଓ ରୀତାଞ୍ଜଳୀ ମହାନ୍ତି ପ୍ରମୁଖ ସଂଯୋଜନାରେ ସହାୟତା ପ୍ରଦାନ କରିଥିଲେ ।

# କର୍ମଚାରୀ ସଂଘ ନେତା ମଧୁସୂଦନ ମିଶ୍ରଙ୍କ ପରଲୋକ



ଖୋର୍ଦ୍ଧା, (ପି.ଏନ): ଖୋର୍ଦ୍ଧା ଜିଲା ମାଧ୍ୟମିକ ସ୍କୁଲ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘର ସଭାପତି ମଧୁସୂଦନ ମିଶ୍ରଙ୍କର ୮୧ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଧଳାପଥର ନିକଟସ୍ଥ ପାଟପୁର ଶାସନ ନିବାସୀ ସ୍ୱର୍ଗତ ମିଶ୍ର ବାଂକୋଇ କୁମୁଦିନୀ ସରକାରୀ ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟରେ ଦୀର୍ଘବର୍ଷ କାଳ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟ କରିବା ସହ ଜିଲ୍ଲାସ୍ତରୀୟ ସଂଘ ଗଠନ କରି ତା'ର ସଭାପତି ଥିଲେ। ତାଂକ ବିୟୋଗରେ ବାଂକୋଇ ପ୍ରଶିକ୍ଷଣ ବିଦ୍ୟାଳୟର ପ୍ରତିଷ୍ଠାତା କାଳିଚରଣ ଜୟସିଂହ, ପୂର୍ବତନ ସମ୍ପାଦିକା କୁମୁଦିନୀ ଜୟସିଂହ, ଐତିହାସିକ ସତ୍ୟବାଦୀ ବଳିଆରସିଂହ, ପ୍ରଧାନ ଶିକ୍ଷକ ବିଜୟ କୁମାର ମିଶ୍ର, ପଦ୍ମନାଭ ଖଟେଇ, ଶିକ୍ଷାବିତ୍ ଗୋଦାବରୀଶ ମିଶ୍ର, ଅନ୍ତର୍ଯ୍ୟାମୀ ପଣ୍ଡା ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ଅବସର ପରେ ସେ ପାଟପୁର ଶାସନ ଓ ଆରିକମା ପଂଚାୟତରେ ଗହୁ ଗଠନମୂଳକ କାର୍ଯ୍ୟରେ ବ୍ରତୀ ଥିଲେ।

# ପ୍ରଦେଶ କଂଗ୍ରେସ ପକ୍ଷରୁ ଜୁନ ୧ ଓ ୨ ତାରିଖ ଦୁଇଦିନିଆ ନବସଂକଳ୍ପ ଶିବିର ଅନୁଷ୍ଠିତ ହେବ

ଭୁବନେଶ୍ୱର,(ପି.ଏନ): ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ଉଦୟପୁର ଠାରେ ଅନୁଷ୍ଠିତ ହୋଇଥିବା ନବଂସକଳ୍ପ ଶିବିରର ନିଷ୍ପତି ଅନୁଯାୟୀ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଆସ'। ଜୁନ ୧ ତାରିଖ ବୁଧବାର ଓ ୨ ତାରିଖ ଗୁରୁବାର ଦୁଇଦିନ ବ୍ୟାପି ନବ ସଂକଳ୍ପ ଶିବିର ଭୁବନେଶ୍ୱର ୟୁନିଟ-୪ ସ୍ଥିତ ଇନଷ୍ଟିଚ୍ୟୁଟ ଅଫ ଇଞ୍ଜିନିୟରସ୍ ସଭାଗୃହରେ ପୂର୍ବାହ୍ନ ଘ. ୯.୩୦ ମି. ସମୟରେ ପ୍ରଦେଶ କଂଗ୍ରେସ କମିଟି ନବ ନିଯୁକ୍ତ ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଭାରୀ ଡ. ଏ ଚେଲା କୁମାର, ଅଖିଳ ଭାରତ କଂଗ୍ରେସ କମିଟି ସଂପାଦକ ଶ୍ରୀ ଜି.ରୁଦ୍ର ରାଜୁ ଏବଂ ଅନ୍ୟାନ୍ୟ ନେତୃବୃନ୍ଦ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ୧ ତାରିଖ ବୁଧବାର ବୈଠକରେ ସମସ୍ତ କଂଗ୍ରେସ ସାଂସଦ, ବିଧାୟକ, ପୂର୍ବତନ ସାଂସଦ ଓ ବିଧାୟକ, ପୂର୍ବତନ ପିସିସି ସଭାପତି, ୨୦୧୯ ସାଧାରଣ ନିର୍ବାଚନର ସାଂସଦ ଓ ବିଧାୟକ ପ୍ରାର୍ଥୀ, ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ଏଆଇସିସି କର୍ମକର୍ତ୍ତା ଓ ପୂର୍ବତନ କର୍ମକର୍ତ୍ତା, ପିସିସି କର୍ମକର୍ତ୍ତା, ଜିଲ୍ଲା କଂଗ୍ରେସ ସଭାପତି, ରାଜ୍ୟ ସାମୁଖ୍ୟ, ପ୍ରକୋଷ୍ଠ ଓ ବିଭାଗର ମୁଖ୍ୟମାନେ ଯୋଗଦେବେ। ସେହିଭଳି ୨ ତାରିଖ ଗୁରୁବାର ବୈଠକରେ ପୂର୍ବତନ ପିସିସି ସଭାପତି, ଏଆଇସିସି ସଂପାଦକ (ଓଡ଼ିଶା), ଜିଲ୍ଲା କଂଗ୍ରେସ ସଭାପତି, ବ୍ଲକ ଓ ନଗର କଂଗ୍ରେସ ସଭାପତି ମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେଥିପାଇଁ ସମସ୍ତ ନେତୃବୃନ୍ଦଙ୍କୁ ପତ୍ରମାଧ୍ୟମରେ ଜଣାଇ ଦିଆଯାଇଛି। କୌଣସି କାରଣବଶତଃ ଯେଉଁ ନେତୃବୃନ୍ଦମାନେ ଏ ସଂପର୍କରେ ଅବଗତ ହୋଇପାରି ନଥିବେ ସେମାନେ ଏହି ସମ୍ବାଦକୁ ନିମନ୍ତ୍ରଣ ମନେକରି ଉଦ୍ଦିଷ୍ଟ ତାରିଖ ଓ ସମୟରେ ଶିବିରରେ ଯୋଗଦେବାକୁ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଉପସଭାପତି ଶ୍ରୀ ଯଜ୍ଞେଶ୍ୱର ବାବୁ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି।

# ଭୁବନେଶ୍ୱରର ରେଳ ସଦନରେ ପୂର୍ବ ତଟ ରେଳପଥ ଅଧିକାରୀ ମାନଙ୍କ ସହିତ ସମୀକ୍ଷା ବୈଠକ



ଭୁବନେଶ୍ୱର,(ପି.ଏନ): ରେଳ ବୋର୍ଡର ଅଧକ୍ଷ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଶ୍ରୀ ଭି କେ ତ୍ରିପାଠୀ ତାଙ୍କର ଓଡିଶା ଗସ୍ତ ସମୟରେ ଆଜି ପୂର୍ବାହ୍ନରେ ପାରାଦୀପ ଅଞ୍ଚଳରେ ଥିବା ରେଳ ଭିତ୍ତିଭୂମି ନିରୀକ୍ଷଣ କରିବା ସହିତ ଟ୍ରାଫିକ ସୁବିଧା ତଥା ସୁବିଧାଜନକ ଟ୍ରେନ ଚ଼ଳାଚ଼ଳ ଏବଂ ବିକାଶମୂଳକ କାର୍ଯ୍ୟକଳାପ ସମ୍ବନ୍ଧରେ ଅନୁଧ୍ୟାନ କରିଛନ୍ତି । ସେ ମଧ ଏହି କ୍ଷେତ୍ରରେ ରେଳବାଇର ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଏହି ଅବସରରେ ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ (କାର୍ଯ୍ୟକାରୀ) ଶ୍ରୀ ଶରଦ କୁମାର ଶ୍ରୀବାସ୍ତବ ଏବଂ ଖୋର୍ଦ୍ଧା ରୋଡ ରେଳ ମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଶ୍ରୀ ରିଙ୍କ ?ଶ ରାୟ ଉପସ୍ଥିତ ଥିଲେ ।ଶ୍ରୀ ତ୍ରିପାଠୀ ମଧ ପାରାଦୀପ ପୋର୍ଟ ଟ୍ରଷ୍ଟ (ପିପିଟି) ର ଅଧିକାରୀ, ଜିନ୍ଦଲ ଷ୍ଟିଲ, ପିପିଏଲ, ଆଇଓସିଏଲ, ଆଇଏଫଏଫସିଓ, ମିତ୍ତଲ ଷ୍ଟିଲ ଇତ୍ୟାଦି କର୍ତ୍ତୃପକ୍ଷଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚ଼ନା କରିଥିବାବେଳେ ପରିବହନ ଏବଂ ଟ୍ରାଫିକ୍ ସୁବିଧା କ୍ଷେତ୍ରରେ ସମସ୍ତ ପ୍ରକାର ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି । ନିରୀକ୍ଷଣ ଏବଂ ସମୀକ୍ଷା ବୈଠକରେ ପୂର୍ବତଟ ରେଳପଥ ମୁଖ୍ୟାଳୟ ଏବଂ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ବରିଷ୍ଠ ରେଳ ଅଧିକାରୀ ଏବଂ ବିଭିନ୍ନ ହିତାଧିକାରୀଙ୍କ ଅଧିକାରୀମାନେ ମଧ୍ୟ ଏହି ଅବସରରେ ଅଂଶଗ୍ରହଣ କରିଥିଲେ । ଅପରାହ୍ନରେ ଶ୍ରୀ ତ୍ରିପାଠୀ ପୂର୍ବ ତଟ ରେଳପଥ ମୁଖ୍ୟାଳୟରେ ରେଳପଥର ମହାପ୍ରବନ୍ଧକ ଜେନେରାଲ ମ୍ୟାନେଜର (କାର୍ଯ୍ୟକାରୀ) ଶ୍ରୀ ଶରଦ କୁମାର ଶ୍ରୀବାସ୍ତବ, ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଶ୍ରୀ ରିଙ୍କଶ ରାୟ ଏବଂପୂର୍ବ ତଟ ରେଳପଥର ଅନ୍ୟାନ୍ୟ ପ୍ରମୁଖ ଅଧିକାରୀ ମାନଙ୍କ ସହିତ ସମୀକ୍ଷା ବୈଠକ ଯୋଗଦେଇଥିଲେ । ରେଳପଥ ଅଧିକାରୀ ମାନଙ୍କ ସହିତ ଏହି ସମୀକ୍ଷା ବୈଠକରେ ବିଭିନ୍ନ ଭିତ୍ତିଭୂମି ଏବଂ ଟ୍ରେନ୍ ସମ୍ବନ୍ଧୀୟ ସମସ୍ୟା ଉପରେ ଆଲୋଚ଼ନା କରାଯାଇଥିଲା । ପୂର୍ବ ତଟ ରେଳପଥ ମଧ୍ୟରେ ଯାତ୍ରୀବାହୀ ଟ୍ରେନର ଗତି ବୃଦ୍ଧି କରାଇବାକୁ ଶ୍ରୀ ତ୍ରିପାଠୀ ଅଧିକାରୀମାନଙ୍କୁ ମଧ ପରାମର୍ଶ ଦେଇଛନ୍ତି। ଏହା ବ୍ୟତୀତ ଚ଼ାଲୁ ରହିଥିବା ପ୍ରକଳ୍ପ ଗୁଡିକର କାର୍ଯ୍ୟ ତ୍ୱରାନ୍ୱିତ କରିବା ସହିତ ଶୀଘ୍ର ସମାପ୍ତି କରିବାକୁ କହିଥିବାବେଳେ ରାଜସ୍ୱ ବୃଦ୍ଧି ଉପରେ ମଧ ସେ ଗୁରୁତ୍ୱାରୋପ କରିଛନ୍ତି ।

# ପୋଲିସ କାର୍ଯ୍ୟାନୁଷ୍ଠାନ ନେଉ ନଥିବା ଅଭିଯୋଗ



କେନ୍ଦୁଝର(ପିଏନ) ଝୁମ୍ପୁରା ତହସିଲ ଅନ୍ତର୍ଗତ ବସନ୍ତପୁର ପଞ୍ଚାୟତର ନଈବୁଗା ପଂଚାୟତ ରାସ୍ତାକୁ କେତେକ ମୃଷ୍ଟିମେୟ ଲୋକ ଜେସିବି ମେସିନ ଦ୍ୱାରା ରାସ୍ତା କାଟି ଦେବା ଘଟଣାକୁ ନେଇ ବିବାଦ ଘନୀଭୂତ ହେବାରେ ଲାଗିଛି। ଏହି ଘଟଣାକୁ ନେଇ ଚମ୍ପୁଆ ଉପଜିଲ୍ଲାପାଳ ଝୁମ୍ପୁରା ତହସିଲଦାରଙ୍କୁ ଆଦେଶ କରି ରାସ୍ତା କାଟିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଏହି ବେଆଇନ କାମ ପ୍ରତିବାଦରେ ସ୍ଥାନୀୟ ବସନ୍ତପୁର ସରପଞ୍ଚ ଲିପାରାଣୀ ନାୟକ ବାମେବାରୀ ଥାନାରେ ଲିଖିତ ଏତଲା ଦେଇଥିଲେ ହେଁ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ଅସନ୍ତୋଷ ବଢୁଛି। ପ୍ରକାଶ ଯେ, ଉକ୍ତ ଗ୍ରାମ୍ୟ ରାସ୍ତା ୧୯୭୫ ମସିହାରୁ ଓଏମ୍ସି ଖଣି ପରିବହନ ପାଇଁ ବ୍ୟବହାର କରାଯାଇ ଆସୁଥିଲା। ସେହି ରାସ୍ତାରେ ଗ୍ରାମବାସୀ ମଧ୍ୟ ଯାତାୟତ କରୁଥିଲେ। ତେବେ ଦୀର୍ଘ ପ୍ରାୟ ୧୦୦ ବର୍ଷ ପରେ ୨ଜଣ ଆଦିବାସୀ ରାଇମଣୀ ଚମ୍ପିଆ ଓ ଜୟରାମ ମୁଣ୍ଡା ଚମ୍ପୁଆ ଉପଜିଲ୍ଲାପାଳଙ୍କ କୋର୍ଟରେ ତାଙ୍କ ଜମି ଉପରେ ମେସର୍ସ ତାରିଣୀ ପ୍ରସାଦ ମହାନ୍ତି ଜବର ଦଖଲ କରି ରାସ୍ତା ନିର୍ମାଣ କରି ଖଣି ପରିବହନ କରୁଥିବା ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଏହି ରାସ୍ତା ଉପରେ ଉପଜିଲ୍ଲାପାଳ ଜମି ଚିହ୍ନଟ ପାଇଁ ପାଇଁ ଝୁମ୍ପୁରା ତହସିଲଦାରଙ୍କୁ ଆଦେଶ ଦେଇଥିଲେ। ୨୧ ତାରିଖ ଦିନ ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ମାପଚୁପ କରାଯାଇଥିଲା। ଜମି ମାପଚୁପ ବେଳେ ଝୁମ୍ପୁରା ଅତିରିକ୍ତ ତହସିଲଦାର କ୍ରେସନସିୟା ତିର୍କି କହିଥିଲେ ଉପଜିଲ୍ଲାପାଳଙ୍କ ଫାଇନାଲ ଅର୍ଡର ହେବା ପର୍ଯ୍ୟନ୍ତ ଜମି ଯେପରି ଅଛି ସେପରି ରହିବ ଏବଂ ଯେପରି ବ୍ୟବହାର ହେଉଛି ସେପରି ବ୍ୟବହାର ହେବ। କିନ୍ତୁ ତାଙ୍କ ଆଦେଶକୁ ଅବମାନନା କରି କେତେକ ମୃଷ୍ଟିମେୟ ଲୋକ ରାସ୍ତା କାଟି ଦେବା ଫଳରେ ବିବାଦୀୟ ପରିସ୍ଥିତି ଦେଖାଦେଇଛି। ଜେସିବି ମେସିନ ସହାୟତାରେ ରାସ୍ତାକୁ କାଟି ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ କରିବା ଫଳରେ ଗାଁ ଅଶାନ୍ତ ହୋିପଡିଛି। ଏହି ରାସ୍ତା ଉପରେ ଚୁଡିସାହି,ମୁଣ୍ଡାସାହି,ସାକ୍ରାଡିହି,ନଈବୁଗା ଆଦି ୧୦ଟି ସାହି ବିଚ୍ଛିନ୍ନ ହୋଇଯିବା ଫଳରେ ପାଣି,ଆମ୍ବୁଲାନ୍ସ,ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣରେ ବାଧାପ୍ରାପ୍ତ ହୋଇଥିଲା। ଏହି ବେଆଇନ ରାସ୍ତା ଖୋଳା ନେଇ ସ୍ଥାନୀୟ ସରପଞ୍ଚ ବାମେବାରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ବାମେବାରୀ ପୋଲିସ ପକ୍ଷରୁ ତତ୍ପରତା ପ୍ରଦର୍ଶନ କରୁନଥିବାରୁ ଉକ୍ତ ଅଞ୍ଚଳ ଅଶାନ୍ତ ହୋଇପଡିଛି। ଗତକାଲି ରାସ୍ତାର ସ୍ଥିତାବସ୍ଥା ଫେରାଇ ଆଣିବାକୁ ଝୁମ୍ପୁରା ତହସିଲଦାର ପ୍ରତିମା ପୃଷ୍ଟି ଏବଂ ଏସ୍‌ଡିପିଓ ବଡବିଲ ହିମାଂଶୁ ବେହେରାଙ୍କ ଉପସ୍ଥିତିରେ ଉଦ୍ୟମ କରିଥିଲେ ହେଁ କିଛି ଅସାମାଜିକ ଲୋକ ଗଣ୍ଡଗୋଳ କରି କାମ କରାଇ ଦେଇନଥିଲେ। ପୋଲିସ ନୀରବଦ୍ରଷ୍ଟା ସାଜି ଚୁପ ବସିଥିବାବେଳେ ଅସାମାଜିକ ଲୋକଙ୍କ ବିରୁଦ୍ଧରେ କାର୍ଯ୍ୟନୁଷ୍ଠାନ ନେଇନଥିଲା। ଏନେଇ ଉପଜିଲ୍ଲାପାଳ ଚମ୍ପୁଆ ପ୍ରତାପ ପ୍ରିତିମୟଙ୍କ ସହ ଯୋଗାଯୋଗ କରିବାରୁ ରାସ୍ତାର ମାପଚୁପ ପାଇଁ କୁହାଯାଇଥିଲା। ଯେଉଁମାନେ ରାସ୍ତା କାଟିଛନ୍ତି ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ କୁହାଯାଇଛି। ଉପ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ସତ୍ତ୍ୱେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ଗତକାଲି ରାତିରେ କିଛି ଲୋକ ଉକ୍ତ ରାସ୍ତାକୁ ପୁଣି ଥରେ ହାଣି ଦେଇଥିବାରୁ ଯାତାୟତ ବ୍ୟାଘାତ ହୋଇଛି। ସରପଞ୍ଚଙ୍କ ଅଭିଯୋଗ ଅନୁଯାୟୀ ବ୍ରହ୍ମେଶ୍ୱର ମହାକୁଡ,ସୁବାସ ମହାକୁଡ,ମଦନ ମୋହନ ବେହେରା,ସୁବ୍ରତ ପଲେଇଙ୍କ ସମେତ ଅନ୍ୟମାନେ ତାଙ୍କୁ ଜାତିଆଣ ଗାଳିଗୁଲଜ କରିବା ସହ ୨ଟି ଜେସିବି ମେସିନ ସାହାଯ୍ୟରେ ରାସ୍ତା କାଟିଥିବା ନେଇ ଅଭିଯୋଗ କରିଛନ୍ତି। ଦୁଇ ଦୁଇ ଥା ରାସ୍ତା କାଟିବା ପରେ ଅଭିଯୋଗ ପରେ ପୋଲିସ କାର୍ଯ୍ୟନୁଷ୍ଠାନ ନେଉନଥିବାରୁ ସ୍ଥାନୀୟ ଗ୍ରାମବାସୀ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି। କିଛି ଖଳ ପ୍ରକୃତିର ଲୋକ ପରିବହନ କାର୍ଯ୍ୟ ହାତେଇବା ପାଇଁ ଆଦିବାସୀଙ୍କୁ ଢାଲ କରି ବାରମ୍ବାର ଗଣ୍ଡଗୋଳ କରୁଥିବା ଟିପି ମହାନ୍ତି ଖଣିର ପରିଚାଳକ ଇଂ ଚନ୍ଦ୍ରଶେଖର ଜେନା ପ୍ରକାଶ କରିଛନ୍ତି। ଆଦିବାସୀଙ୍କ ଜମି ଟିପି ମହାନ୍ତି ଖଣି ଜବର ଦଖଲ କରିନାହିଁ। ଏହି ରାସ୍ତା ବହୁ ବର୍ଷ ଧରି ଜନସାଧାରଣ ବ୍ୟବହାର କରୁଛନ୍ତି। ଗ୍ରାମ୍ୟ ରାସ୍ତା ଦୀର୍ଘ ବର୍ଷ ଧରି ଜନସାଧାରଣ ବ୍ୟବହାର କରୁଥିବାବେଳେ ଅଭିଯୋଗ ପରେ ସୁପରଭାଇଜର ଭୁବନାନନ୍ଦ ନାୟକ,ମଲଦା ରାଜସ୍ୱ ନୀରିକ୍ଷକ ସୋନାଲୀ ସେଠୀ ଏବଂ ଅମିନ ସୁରେଶ ନାୟକ ଠିକ୍ ଭାବରେ ମାପଚୁପ ନକରି ନଥିବା ସ୍ଥାନୀୟ ସରପଞ୍ଚ ଅଭିଯୋଗ କରିଛନ୍ତି। ମାପଚୁପ କରୁଥିବା କର୍ମଚାରୀ ପ୍ରଭାବିତ ହୋଇ ଚିହ୍ନଟ କରିଥିବା ସେ ଅଭିଯୋଗ କରିବା ସହ ଚମ୍ପୁଆ ଉପଜିଲ୍ଲାପାଳ ଏ ଦିଗରେ ତ୍ୱରିତ ପଦକ୍ଷେପ ନେଇ ଅନ୍ୟ ସର୍କଲରୁ କର୍ମଚାରୀ ଆଣି ମାପଚୁପ କରିବାକୁ ସେ ଦାବୀ କରିଛନ୍ତି। ଏଥିସହ ଏହି ଅଞ୍ଚଳରେ ଦୀର୍ଘ ଦିନ ଧରି ଅରାଜକତା କରୁଥିବା ଲୋକଙ୍କୁ ଗିରଫ କରି ଶାନ୍ତି ଫେରାଇ ଆଣିବାକୁ ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଦାବୀ କରିଛନ୍ତି।

## ଜିଲ୍ଲା କୋଷାଗାରରେ ଆବଶ୍ୟକ ସଂଖ୍ୟକ କର୍ମଚାରୀଙ୍କ ଅଭାବ, ହଇରାଣ ହରକତ ହେଉଛନ୍ତି ସରକାରୀ କର୍ମଚାରୀ

କେନ୍ଦ୍ରାପଡ଼ା,(ପି.ଏନ):କେନ୍ଦ୍ରାପଡ଼ା ଜିଲ୍ଲା କୋଷାଗାରରେ ଏବେ ଆବଶ୍ୟକ ସଂଖ୍ୟକ କର୍ମଚାରୀଙ୍କ ଅଭାବ ଦେଖାଦେଇଛି। ଯେତିକି ସଂଖ୍ୟକ କର୍ମଚାରୀ ରହିବା କଥା ତାହାର ୫୦ ପ୍ରତିଶତ କର୍ମଚାରୀ ମଧ ନାହାଁନ୍ତି। ଫଳରେ ସଠିକ ସମୟରେ ସରକାରୀ କର୍ମଚାରୀଙ୍କ ଦରମା ଓ ପେନସନ ବିଲ ପାସ ହୋଇ ପାରୁନାହିଁ। ସେହିପରି ସରକାରୀ କର୍ମଚାରୀ ଓ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ବିଭିନ୍ନ ବିଲ ମଧ ପାସ ହୋଇ ପାରୁନାହିଁ। ସରକାରୀ କର୍ମଚାରୀଙ୍କ ଲାଇଫ ସାର୍ଟିଫିକେଟ୍ ଓ ବିଭିନ୍ନ ସରକାରୀ କାର୍ଯ୍ୟାଳୟର ବିଲ ପାସ ମଧ ହୋଇ ପାରୁନାହିଁ। ପ୍ରତିଯୋଗିତାମୂଳକ ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀମାନେ ଚାଲାଣ କାଟିବା ପାଇଁ କୋଷାଗାରକୁ ଯାଉଛନ୍ତି। କିନ୍ତୁ କର୍ମଚାରୀ ଅଭାବରୁ ସେମାନେ ଠିକ ସମୟରେ ଏହି ସୁବିଧା ପାଇ ପାରୁ ନାହାଁନ୍ତି। ଫଳରେ ସେମାନେ ନାନା ପ୍ରକାର ହଇରାଣ ହରକତ ହେଉଛନ୍ତି। ଜିଲ୍ଲା କୋଷାଗାର କାର୍ଯ୍ୟାଳୟରେ ୨ଜଣ ଅତିରିକ୍ତ ଟ୍ରେଜେରୀ ଅଫିସର ରହିବା ସ୍ଥାନରେ ଅଛନ୍ତି ମାତ୍ର ଜଣେ। ସେହିପରି ୫ ଜଣ କନିଷ୍ଠ କିରାଣୀ ରହିବା ସ୍ଥାନରେ ଅଛନ୍ତି ମାତ୍ର ଜଣେ। ୫ ଜଣ ବରିଷ୍ଠ କିରାଣୀ ରହିବା ସ୍ଥାନରେ ଅଛନ୍ତି ମାତ୍ର ୨ ଜଣ। ଏଭଳି ପରିସ୍ଥିତିରେ କାମ ହୋଇ ପାରୁନାହିଁ ବୋଲି ଜଣେ କର୍ମଚାରୀ କହିଛନ୍ତି। ସେ କହିଛନ୍ତି ଦୀର୍ଘଦିନ ହେବ ଏହି ସମସ୍ୟା ନେଇ ସରକାରଙ୍କୁ ଅବଗତ କରାଯାଇଥିଲେବି ସରକାର ଏଥିପ୍ରତି ଧ୍ୟାନ ଦେଉନାହାଁନ୍ତି। ଫଳରେ ଲୋକେ ହଇରାଣ ହରକତ ହେଉଛନ୍ତି। ସରକାର ନୂତନ ନିଯୁକ୍ତି ନ ଦେବା ପର୍ଯ୍ୟନ୍ତ ଏହି ପରିସ୍ଥିତି ଚାଲିଥିବ। ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ସଭାପତି ଡଃ. ଉପେନ୍ଦ୍ରନାଥ ପ୍ରଧାନଙ୍କ କହିବାନୁଯାୟୀ ଏବେ ପେନସନ ଭୋଗୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି।

## ହୃଦଘାତରେ ବ୍ୟବସାୟୀଙ୍କ ମୃତ୍ୟୁ

ଖୋର୍ଦ୍ଧା, (ପିଏନ)- ଖୋର୍ଦ୍ଧା ପୁରୁଣା ବସଷ୍ଟାଣ୍ଡର ବ୍ୟବସାୟୀ ବିରଂଚି ନାରାୟଣ ସାହୁ(୫୪)ଙ୍କର ଗତ ଶନିବାର ଦିନ ରାତିରେ ହୃଦଘାତରେ ନିଜ ବାସ ଭବନରେ ପରଲୋକ ଘଟି ଯାଇଛି । ସେ ଜଣେ ମିଷ୍ଟଭାଷୀ, ପରୋପକାରୀ ଓ ଧର୍ମ ପରାୟଣ ବ୍ୟକ୍ତି ଭାବରେ ଜଣାଶୁଣା ଥିଲେ । ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଂଚଳ ସମେତ ଖୋର୍ଦ୍ଧା ବ୍ୟବସାୟୀ ସଂଘ ମଧ୍ୟରେ ଶୋକର ଛାୟା ଖେଳି ଯାଇଛି ।ତାଙ୍କ ମରଶରୀରକୁ ପୁରୀସ୍ଥିତ ସ୍ୱର୍ଗଦ୍ୱାର ପରିସରରେ ଅନ୍ତିମ ସଂସ୍କାର କରାଯାଇଥିଲା।





2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to  each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada




ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
PARYABEKHYAK
पर्यवेक्षक






## ଧର୍ମଶାଳା ରଜ କୁଇନ୍ ୨୦୨୨ ମେଗା ଅଡିସନ୍ ଟପ୍ ୫୦ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ



ଧର୍ମଶାଳା,(ପି.ଏନ): ଆଜି କଳ୍ପତରୁ ଦାସ ନ୍ୟାସନାଲ ଫାଉଣ୍ଡେସନ ତରଫରୁ ଏବଂ ଧର୍ମଶାଳା ଗାର୍ଲସ ୱିଙ୍ଗ୍ ତତ୍ତ୍ୱାବଧାନରେ ରଜ କୁଇନ ୨୦୨୨ ର ମେଗା ଅଡିସନ୍ ଟପ୍ ୫୦ ପ୍ରତିଯୋଗୀ ମାନଙ୍କୁ ଗାର୍ଲସ ୱିଙ୍ଗ୍‌ର ସଭାନେତ୍ରୀ କ୍ଷୀରାବ୍ଧି ତନୟା ମଲ୍ଲିକଙ୍କ ନେତୃତ୍ୱରେ କଳ୍ପତରୁ ଦାସ ଷ୍ଟାଡିୟମ୍‌ଠାରେ ସମ୍ବର୍ଦ୍ଧିତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଧର୍ମଶାଳା ବିଧାୟକ ତଥା ରାଜ୍ୟ ସାଧାରଣ ସମ୍ପାଦକ (ଯୁବ ବ୍ୟାପାର) ପ୍ରଣବ କୁମାର ବଳବନ୍ତରାୟ ଏବଂ ରସୁଲପୁର ବ୍ଲକ୍ ଅଧକ୍ଷ ଅରୁଣ କୁମାର ରାଉତ ଯୋଗଦେଇ ଟପ୍ ୫୦ ପ୍ରତିଯୋଗୀଙ୍କୁ କଳ୍ପତରୁ ଦାସ ନ୍ୟାସନାଲ ଫାଉଣ୍ଡେସନ ତରଫରୁ ମାନପତ୍ର ଏବଂ ଅର୍ଥରାଶି ପ୍ରଦାନ କରିବା ସହିତ ପ୍ରତିଭାମାନେ ସଫଳତାର ପାହାଚ ଚଢିବାରେ ପ୍ରଚ୍ଛଦ ପଟରେ ଥିବା ମାଆ ମାନଙ୍କର ଅବଦାନକୁ ନତମସ୍ତକ ହୋଇ ପ୍ରଣାମ କରିବା ସହିତ ମାଆ ମାନଙ୍କୁ ମଧ ଉପହାର ପ୍ରଦାନ କରିଥିଲେ । ସମ୍ବର୍ଦ୍ଧିତ କାର୍ଯ୍ୟକ୍ରମ ଶେଷ ହେବାପରେ ନୃତ୍ୟରେ ଟପ୍ ୫୦ରେ ଥିବା ୩୫ଜଣ ପ୍ରତିଯୋଗୀଙ୍କର ଅଡିସନ୍ ଆରମ୍ଭ ହୋଇଥିଲା । ଉକ୍ତ ଅଡିସନରେ ମଧୁସ୍ମିତା ନାୟକ, ସ୍ୱାଗତିକା ମହାନ୍ତି ଏବଂ ବିଦିଶା ପ୍ରିୟଦର୍ଶନୀ ଜଜ୍ ଭାବେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଯୁବ ବିଜେଡି ସଭାପତି କ୍ଷିତିଶ କୁମାର ନାୟକ, ୧୩ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟା ସ୍ମୃତିରେଖା ବେହେରା, ରାଇଛନ୍ଦା ସମିତିସଭ୍ୟ ଅନିତା ବେହେରା ଏବଂ ଶ୍ରୀବନ୍ତପୁର ସମିତିସଭ୍ୟ ସୌଦାମିନୀ ସାମଲ ଏବଂ ଧର୍ମଶାଳା ବିଜେଡି ଗାର୍ଲସ ୱିଙ୍ଗର ସମସ୍ତ କର୍ମକର୍ତ୍ତାମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ବିଶ୍ୱସ୍ତରୀୟ ହେବ ପାରାଦୀପ ବନ୍ଦର : ବନ୍ଦରର ବିକାଶ ପାଇଁ ବିନିଯୋଗ ହେବ ୩୦୦୪.୬୩ କୋଟି ଟଙ୍କା

ପାରାଦୀପ,(ପି.ଏନ: ପାରାଦୀପ ବନ୍ଦରର ଭିତିଭୂମିର ବିକାଶ ପାଇଁ କେନ୍ଦ୍ର ସରକାର ଏକ ଦୀର୍ଘକାଳୀନ ଯୋଜନା ପ୍ରସ୍ତୁତ କରିବକୁ ଯାଉଛନ୍ତି । ଦେଶର ମାନ୍ୟବର ପ୍ରଧାନମନ୍ତ୍ରୀ ପୂର୍ବ ଭାରତର ରାଜ୍ୟମାନଙ୍କର ବିକାଶ ପାଇଁ ପ୍ରାଥମିକତା ଦେଉଛନ୍ତି । ଏହାକୁ ଦୃଷ୍ଟିରେ ରଖି ପାରାଦୀପ ବନ୍ଦରରେ ଆଗାମୀ ଦିନରେ ୩୦୦୪.୬୩ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିବା ବନ୍ଦର,ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରଣାଳୟ ଘୋଷଣା କରିଛି । ଏହି ପ୍ରକଳ୍ପ ଆର୍ଥିକ, ସାମାଜିକ ଓ ପରିବେଷ ଦୃଷ୍ଟିରୁ ଅନୁକୂଳ ହେବା ସହ ସ୍ଥାୟୀ ଓ ନିରନ୍ତର ବିକାଶରେ ସହାୟକ ହେବ । ଏହି ପରି ଏକ ଆଖିଦୃଶିଆ ପଦକ୍ଷେପ ହେଉଛି ପାରାଦୀପ ବନ୍ଦରର ବିକାଶ ପ୍ରକଳ୍ପ ଯାହା ଏହି ବନ୍ଦରକୁ ବିଶ୍ୱସ୍ତରୀୟ କରିବା ସହ ବୃହତ ଜାହାଜ ପରିଚାଳନାଗତ ସାମର୍ଥ୍ୟ ବୃଦ୍ଧି କରିବ । ଏହି ପ୍ରକଳ୍ପ ଜରିଆରେ ପାରାଦୀପ ବନ୍ଦରର ଭିତର ପୋତାଶ୍ରୟ ଗଭୀର କରାଯିବା ସହ ନିର୍ମାଣାଧିନ ପଶ୍ଚିମ ଡକ୍ ର ବିକାଶ ସରକାରୀ ଓ ଘରୋଇ ଭାଗିଦାରିତା (ପିପିପି ମୋଡ୍)ରେ କରାଯିବ । ଏଥିରେ ନୂତନ ପଶ୍ଚିମ ଡକ୍‌ର ବି.ଓ.ଟି. ଭିତିକ ବିକାଶ ଓ କେତେକ ନିର୍ଦ୍ଧିଷ୍ଟ ସ୍ଥାନର ଡ୍ରେଜିଙ୍ଗ ପାଇଁ ଯଥାକ୍ରମେ ୨,୦୪୦କୋଟି ଓ ୩୫୨.୧୩ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଅନ୍ୟାନ୍ୟ ସହକାରୀ ପ୍ରକଳ୍ପ ଭିତିଭୂମି ବିକାଶ ବାବଦରେ ପାରାଦୀପ ବନ୍ଦର ୬୧୨.୫୦କୋଟି ଟଙ୍କା ବିନିଯୋଗ କରିବ । କେନ୍ଦ୍ର ବନ୍ଦର,ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରୀ ସର୍ବାନନ୍ଦ ସେନୋୱାଲ ଏହି ପ୍ରକଳ୍ପର ସଫଳତା ପାରାଦୀପକୁ ଏକ ବିଶ୍ୱସ୍ତରୀୟ ବନ୍ଦରର ମାନ୍ୟତା ଦେବ ବୋଲି କହିଛନ୍ତି । ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ କୋଇଲା ଓ ଚୂନପଥର ଆମଦାନୀର ଆବଶ୍ୟକତା ପୂରଣ କରିବା ସହ ତରଳ ଧାତବୀୟ ଖଣ୍ଡ ଓ ବିକଶିତ ଇସ୍ପାତ ସାମଗ୍ରୀ ପାରାଦୀପ ବନ୍ଦର ଆଖପାଖରେ ଇସ୍ପାତ କାରଖାନା ସ୍ଥାପିତ ହେଲେ ରପ୍ତାନୀ ଦୃଷ୍ଟିରୁ ଏହା ସହାୟକ ହେବ ବୋଲି ପାରାଦୀପ ବନ୍ଦର ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ମିଳିଛି ।

## ଆନନ୍ଦପୁର ପୌରପରିଷଦରେ ୪ କର୍ମଚାରୀ ବଦଳି

ଆନନ୍ଦପୁର,(ପି.ଏନ): ଦୀର୍ଘଦିନ ହେବ ଆନନ୍ଦପୁର ପୌରପରିଷଦରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଗୁଡିକ ଠିକ୍ ଭାବେ କାର୍ଯ୍ୟକାରୀ ହେଉନଥିବା ଅଭିଯୋଗ ହେଉଥିବା ବେଳେ ମେ ୨୭ ତାରିଖ ଦିନ ୪ ଜଣ କର୍ମଚାରୀଙ୍କୁ ଯୋଡା ଏବଂ ବଡବିଲକୁ ବଦଳି କରାଯାଇଥିବା ଜଣାପଡିଛି । ପୌରପାଳିକାରେ ୱାର୍କ ବିଭାଗରେ ବଡ ଦୁର୍ନୀତି ହୋଇଥିବା ବେଳେ ଘଷିପୁରା, ଶାଳପଡା ଓ ଆନନ୍ଦପୁରର ସର୍ବପୁରାତନ ବଳଭଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟର ରୂପାନ୍ତରିକରଣ ସହିତ ବାସ୍କେଟ ବଲ ପଡିଆ ଓ ରାଜାଙ୍କ ତଳେ ଆନନ୍ଦପୁର ନାମ ଷ୍ଟିକରରେ କରାଯାଇଥିଲା । ମାତ୍ର ବିଭିନ୍ନ ଗଣମାଧମରେ ପ୍ରକାଶ ପାଇଥିଲେ ହେଁ ନଗର ଉନ୍ନୟନ ବିଭାଗ ଓ ଜିଲ୍ଲା ପ୍ରଶାସନ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏହାର ତଦନ୍ତ ନକରିବା ଏବଂ ଦୀର୍ଘଦିନ ହେବ ବିଆର୍‌ଜିଏଫ୍ କାର୍ଯ୍ୟ ବନ୍ଦ ହୋଇଯାଇଥିଲେ ମଧ ସହକାରୀ ଯନ୍ତ୍ରୀ ଆନନ୍ଦପୁର ପୌରପରିଷଦର ଟିକସରେ ଦରମା ପାଇବା ଓ ତାଙ୍କ ସହିତ ଜଣା ଯନ୍ତ୍ରୀ ଏସବୁ ଦୁର୍ନୀତିରେ ଖୋଲାଖୋଲି ଭାବେ ସମ୍ପୃକ୍ତ ଥିବା ବେଳେ ପୂର୍ବରୁ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ହାତ କରି ମୋ ସ୍କୁଲ ଅଭିଯାନରେ ବଳଭଦ୍ର ନାରାୟଣ ହାଇସ୍କୁଲର ରୁପାନ୍ତିକରଣରେ ୮୦ ଭାଗରୁ ଅଧିକ ଅର୍ଥ ଉଠି ଠିକାଦାରଙ୍କୁ ପୈଠ କରିଥିବା ବେଳେ ବର୍ତ୍ତମାନର କାର୍ଯ୍ୟ ନିର୍ବାହୀ ଅଧିକାରୀ ବ୍ରିକ୍ ଛକଠାରେ ଥିବା ଶିଶୁ ପାର୍କର ଫାଇଲ ଉକ୍ତ କ୍ଲାର୍କଙ୍କ ପାଖରେ ଥିବାବେଳେ ବିଆରଜିଏଫ୍ ଅର୍ଥରେ ଶିଶୁ ପାର୍କଟି ସମ୍ପୂର୍ଣ୍ଣ କରାଯାଇ ଫଳକ ଲାଗି ଉଦ୍‌ଘାଟନ କରାଯାଇଥିଲେ ହେଁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ପାର୍କରେ ଖର୍ଚ୍ଚ କରାଯାଇଥିଲେ ହେଁ ଶିଶୁ ପାର୍କର ଫାଇଲ ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀ ଓ କ୍ଲାର୍କଙ୍କ ମଧୁଚନ୍ଦ୍ରିକା ମଧରେ ଆନନ୍ଦପୁର ଶିଶୁ ପାର୍କ ଅଧପନ୍ତରିଆ ହୋଇ ପଡି ରହିଛି । ନୂତନ ଭାବେ ଯୋଗ ଦେଇଥିବା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଳିତ କୁମାର ନାୟକ ଉକ୍ତ ଫାଇଲ୍‌ଟିକୁ ଜାଣିବା ନିମନ୍ତେ ମାଗିଥିଲେ ହେଁ ୱାର୍କ ବିଭାଗରେ ଥିବା ସହକାରୀ ଯନ୍ତ୍ରୀ ଫାଇଲଟି ନଦେବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଆନନ୍ଦପୁର ପୌରପରିଷଦରେ ଦୀର୍ଘଦିନ ହେବ ସାନିଟାରି ବ୍ୟବସ୍ଥା ସୁଧୁରିନଥିବା ବେଳେ ନୂତନ ଭାବେ ପରିଷଦ ଗଠନ ହୋଇଥିଲେ ମଧ ପରମଣ ପ୍ରବୀଣ ସହକାରୀ ହେଡ୍‌କ୍ୱାର୍ଟରେ ନରହିବା ଏବଂ ବିଭିନ୍ନ ୱାର୍ଡରେ ବାଲି, ଇଟା ଜମା ହୋଇଥିଲେ ହେଁ ରାତିରେ ଗୋପାଳିତ ପଶୁମାନେ ଖୋଲାମେଲା ରାସ୍ତାରେ ବନ୍ଧ ହୋଇଥିବା ବେଳେ ପୌରପରିଷଦର ଦାୟୀତ୍ୱରେ ଥିବା ସ୍ୱଚ୍ଛ ସାଥୀ ୱାର୍ଡବାସୀଙ୍କୁ ଅବଗତ ନକରାଇବା ଦ୍ୱାରା ରାସ୍ତାରେ ଯାଉଥିବା ଛୋଟଛୋଟ ପିଲାମାନେ ଗୃହପାଳିତ ପଶୁ ମାନଙ୍କ ଦ୍ୱାରା ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି ।

## ବରଗୋଡାରେ ରଜ କୁଇନ୍ ଅଡିସନ୍



ଭଗାମୁଣ୍ଡା,(ପି.ଏନ): ହରିଚନ୍ଦନପୁର ପଞ୍ଚାୟତ ବରଗୋଡା ଗ୍ରାମର କଳିଙ୍ଗ ଯୁବକ ସଂଘ ଆନୁକୂଲ୍ୟରେ ଆସନ୍ତା ୧୪ରୁ ୧୭ ତାରିଖ ପର୍ଯ୍ୟନ୍ତ ରଜ ମହୋତ୍ସବ ପାଳନ କରାଯିବ । ଏହି ମହୋତ୍ସବରେ ଜୁନିଅର ଓ ସିନିଅର ବର୍ଗରେ ଆୟୋଜିତ ରଜ କୁଇନ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗିଙ୍କୁ ଯଥାକ୍ରମେ ୫ ହଜାର ଓ ୧୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯିବ । ଏଥିପାଇଁ ବରଗୋଡା ସ୍କୁଲ ପରିସରରେ ଉଭୟ ଗ୍ରୁପ୍‌ର ଅଡିସନ୍ ଅନୁଷ୍ଠିତ ହୋଇଯାଇଛି । ଏହାକୁ ରାଜ୍ୟ ଯୁବ ବିଜେଡି ସହସମ୍ପାଦକ ତଥା ବିଧାୟକ ପ୍ରତିନିଧି ଅମର କୁଅଁର ଓ ସମିତିସଭ୍ୟ ଦମୟନ୍ତୀ ମୁଣ୍ଡା ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । କଳ୍ପତରୁ ଆଚାର୍ଯ୍ୟ, ସସ୍ମିତା ସ୍ୱାଇଁ ଓ ଅମୀୟ କୁମାର ଚକ୍ର ବିଚାରକ ଭାବେ ଯୋଗ ଦେଇଥିଲେ । ଏଥିରେ ୭୭ଜଣ ପ୍ରତିଯୋଗି ଅଂଶଗ୍ରହଣ କରିଥିଲେ । ଜୁନିଅର ବର୍ଗରେ ୧୩ ଜଣ ଓ ସିନିଅର ବର୍ଗରେ ୩୫ ଜଣ ପରବର୍ତ୍ତି ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । କ୍ଲବ ସଭାପତି କୁଳମଣି କର, ସମ୍ପାଦକ ନିର୍ମଳ ଚନ୍ଦ୍ର ସାହୁ, ଅଶ୍ୱିନୀ ନାଏକ, ହୃଦାନନ୍ଦ ବଳ, ପ୍ରତାପ ସାହୁ, ଗୟାଧର ସାହୁ, ବିଷ୍ଣୁପ୍ରସାଦ ରାଉତ, ବାପି ରାଉତ, ମୃତ୍ୟୁଞ୍ଜୟ ସାହୁ, ବସନ୍ତ ସାହୁ, ପ୍ରମୋଦ ସାହୁ, ଜୀବନ ସାହୁ, ଗୋଲଖ ସାହୁ,ଚିନ୍ମୟ ରାଉତ, ପରମେଶ୍ୱର ମହାକୁଡ, ଦୀପକ କୁମାର ସାହୁ, ଜ୍ଞାନରଜନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଶିକ୍ଷକଙ୍କ ଘରେ କଳାକନା ବୁଲାଇଲେ ଚୋର, ଟେର୍ ପାଉନି ପୋଲିସ୍

ଆନନ୍ଦପୁର(ପି.ଏନ): ଆନନ୍ଦପୁର ପୌରପରିଷଦ ଅନ୍ତର୍ଗତ ୧୩ ନଂ ୱାର୍ଡ ସୁଡୁସୁଡିଆ ନିକଟସ୍ଥ ଇଣ୍ଡେନ୍ ଗ୍ୟାସ୍ ପାର୍ଶ୍ୱରେ ଥିବା ଜନୈକ ଶିକ୍ଷକଙ୍କ ଘରୁ ଚୋରମାନେ ୨୮ ତାରିଖ ଶନିବାର ଦିନ ଅର୍ଦ୍ଧ ରାତ୍ରରେ କଳାକନା ବୁଲାଇ ଟଙ୍କା ଓ ଗହଣା ଚୋରି କରି ନେଇଥିବା ଜଣାପଡିଛି । ସୁଚନା ଅନୁସାରେ ଘଷିପୁରା ଝାଡେଶ୍ୱର ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ରନ କୁମାର ଘଡେି ପରିବାର ସହ ସୁଡୁସୁଡିଆ ଠାରେ ଥିବା ନିଜ ବାସଭବନରେ ରହିଆସୁଥିବା ବେଳେ ଶନିବାର ଦିନ ପ୍ରବଳ ଗରମ ଓ ଗୁଳୁଗୁଳି ଯୋଗୁଁ ତାଙ୍କ ଏକ ଏସି ରୁମ୍‌ରେ ସପରିବାର ଶୋଇଥିଲେ । ସକାଳୁ ତାଙ୍କ ସ୍ତ୍ରୀ କବାଟ ଖୋଲିବାକୁ ଚେଷ୍ଟା କରିବାରୁ ଭିତର ପଟୁ କବାଟ ବନ୍ଦ ଥିବା ଦେଖିଥିଲେ । ସଙ୍ଗେ ସଙ୍ଗେ ନିଜ ସ୍ୱାମୀଙ୍କୁ ଡାକ ପକାଇଥିଲେ । ବାହାରେ ଆସି ଛରକାରେ ଗ୍ରୀଲ ଭାଙ୍ଗି କେହି ପଶିଥିବା ଜାଣିବାକୁ ପାଇଥିଲେ । ସେହି ଘରେ ଏକ ଆଲମିରାରେ ନଗଦ ୫୨ ହଜାର ଟଙ୍କା ସହ ୧୫ ଭରି ସୁନା ଅଳଙ୍କାର ଚୋରମାନେ ଲୁଟି ନେଇଥିବା ବେଳେ ଘରର ଛାତ ଉପରେ ଏକ କମଳ ପଡିଥିବା ଦେଖାଯାଇଛି । ଏହି ଘଟଣା ନେଇ ଘଷିପୁରା ଥାନାରେ ଏକ ଲିଖିତ ଅଭିଯୋଗ ଶିକ୍ଷକଙ୍କ ପକ୍ଷରୁ ଦିଆଯାଇଥିବା ବେଳେ ପୋଲିସ୍ ତଦନ୍ତ ଜାରି ରଖିଥିଲେ ମଧ୍ୟ ଚୋରମାନଙ୍କର କୌଣସି ଟେର୍ ପାଇନଥିବା ଜଣାପଡିଛି ।

## ଆଜାଦ୍ ଭାରତ ମେମୋରିଆଲ୍ ଟ୍ରଷ୍ଟ ପକ୍ଷରୁ ନବ ନିର୍ବାଚିତ ପୌରାଧକ୍ଷ ଓ ପାରିଷଦଙ୍କୁ ସମ୍ବର୍ଦ୍ଧନା

ପାରାଦୀପ,(ପି.ଏନ): ପାରାଦୀପର ଆଜାଦ୍ ଭାରତ ମେମୋରିଆଲ୍ ଟ୍ରଷ୍ଟ ପକ୍ଷରୁ ପାରାଦୀପ ପୌର ପାଳିକାର ନବ ନିର୍ବାଚିତ ଅଧକ୍ଷ ଓ ପାରିଷଦମାନଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ଅବସରରେ ରବିବାର ଦିନ ପାରାଦୀପ ପୌର କଲ୍ୟାଣ ମଣ୍ଡପ ପରିସରରେ ଏକ ଭବ୍ୟ ସମାରୋହର ଆୟୋଜନ କରାଯାଇଥିଲା । ଟ୍ରଷ୍ଟର ସଭାପତି ତଥା ପାରାଦୀପ ନିର୍ବାଚନ ମଣ୍ଡଳୀ ବିଜେଡି ସଂଖ୍ୟାଲଘୁ ସେଲର ସଭାପତି ଅବଦୁଲ୍ ଆବିଦ୍ ଖାନ୍ ଏହି ସମାରୋହରେ ସଭାପତିତ୍ୱ କରିଥିଲେ ।

## ଜାତୀୟ ଜନଜାତି କମିଶନ ସଦସ୍ୟଙ୍କ ବିଭିନ୍ନ ଅଭିଯୋଗର ଶୁଣାଣୀ



କେନ୍ଦୁଝର,(ପି.ଏନ): ଜାତୀୟ ଜନଜାତି କମିଶନ ସଦସ୍ୟ ଅନନ୍ତ ନାୟକ ସୋମବାର କେନ୍ଦୁଝର ଗସ୍ତରେ ଆସି ଶୁଣାଣୀ କରିଛନ୍ତି । କମିଶନ ନିକଟରେ ଅଭିଯୋଗ ପରେ କମିଶନ ସୋମବାର ଦିନ ସର୍କିଟ ହାଉସଠାରେ ଶୁଣାଣୀ କରିଥିଲେ । ଶୁଣାଣୀ ବେଳେ ଅଭିଯୋଗ ଆଧାରରେ କମିଶନ ସଦସ୍ୟ ବେଲକୁଣ୍ଡି ଓଏମଡିସି ଠାକୁରାଣୀ ଖଣି ବର୍ଜ୍ୟବସ୍ତୁ ଯୋଗୁଁ ଦଲକି ବେଲକୁଣ୍ଡି ନାଳ ପୋତି ହୋଇଥିବା ଏବଂ ଆଦିବାସୀ ଲୋକଙ୍କ ଜମି କ୍ଷତିଗସ୍ତ ହେଉଥିବା ଉପରେ ଶୁଣାଣୀ ହୋଇଥିଲା । ଶୁଣାଣୀ ସମୟରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ପୁଷ୍କର ଚନ୍ଦ୍ର ବେହେରା ଙ୍କ ଓ ଜିଲା ମଙ୍ଗଳ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଦାଶ ଉପସ୍ଥିତ ରହି ଅଭିଯୋଗର ତଦନ୍ତ କରି କ'ଣ ପଦକ୍ଷେପ ନେଇ ତାହା କମିଶନ ଆଗରେ ଜଣାଇଥିଲେ । ଖଣିର ବର୍ଜ୍ୟବସ୍ତୁ ଯୋଗୁଁ ସ୍ଥାନୀୟ ଆଦିବାସୀ ଲୋକଙ୍କର ହୋଇଥିବା କ୍ଷୟକ୍ଷତି ବାବଦକୁ କୌଣସି କ୍ଷତିପୂରଣ ମିଳିନଥିବା ଅଭିଯୋଗ ହୋଇଥିଲା । ଏହି ଶୁଣାଣୀ ବେଳେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତରଫରୁ ଦିଆଯାଇଥିବା ରିପୋର୍ଟ କମିଶନ ଙ୍କ ନିକଟରେ ଦାଖଲ ପରେ କମିଶନ ଉକ୍ତ ରିପୋର୍ଟକୁ ଆଧାର କରି ପରବର୍ତ୍ତୀ ନିଷ୍ପତ୍ତି ନେବ । କେନ୍ଦୁଝର ଜିଲା ଖଣି ଏବଂ ଶିଳ୍ପ ପ୍ରବଣ ଜିଲା ହୋଇଥିବାରୁ ପ୍ରଦୂଷଣ ରୋକିବା ପାଇଁ କି କି ପଦକ୍ଷେପ ନିଆଯାଇଛି ସେ ସମ୍ପର୍କରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ କମିଶନ ସଦସ୍ୟ ଅନନ୍ତ ନାୟକ ଙ୍କୁ ଅବଗତ କରିଥିଲେ । ଖଣି ଓ ଶିଳ୍ପ ଜନିତ କାରଣରୁ ଆଦିବାସୀଙ୍କ ଜୀବନ ଜୀବିକା ଯେପରି ପ୍ରଭାବିତ ନ ହେବ ସେଥିପ୍ରତି ଦୃଷ୍ଟି ଦେବାକୁ କମିଶନ ସଦସ୍ୟ କହିଥିଲେ । ଜିଲାରେ ଅନେକ ଖଣି ଆଦିବାସୀଙ୍କ ସୁରକ୍ଷା ପ୍ରତି ଯଥେଷ୍ଟ ଧ୍ୟାନ ଦେଉନଥିବାରୁ କମିଶନ ସଦସ୍ୟ ଉଦ୍‌ବେଗ ପ୍ରକାଶ କରିଥିଲେ । ବିଶେଷ କରି ବାଂଶପାଳ ବ୍ଲକ ଶୁଆକାଟୀସ୍ଥିତ ଓଡିଶା ଖଣି ନିଗମ ଗନ୍ଧମାର୍ଦ୍ଦନ ଲୌହ ଖଣି ରେ ବ୍ୟାପକ ମାତ୍ରାରେ ପ୍ରଦୂଷଣ କରୁଥିବାରୁ ଖଣି ପାର୍ଶ୍ୱବର୍ତ୍ତୀ ଗାଁରେ ବସବାସ କରୁଥିବା ଆଦିବାସୀଙ୍କ ଜୀବନଜୀବିକା ପ୍ରଭାବିତ ହେଉଛି । ପ୍ରଦୂଷଣ ରୋକିବା ପାଇଁ ଏହି ଖଣି ପଦକ୍ଷେପ ନେଉନଥିବା ସ୍ଥାନୀୟ ଲୋକ ବାରମ୍ବାର ଅଭିଯୋଗ କରି ଆସୁଛନ୍ତି । ଖଣି ପ୍ରଦୂଷଣ ଯୋଗୁଁ ନିକଟରେ ଥିବା ଜଙ୍ଗଲରେ ଧୂଳି ପଡୁଥିବାରୁ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହରେ ବାଧା ସୃଷ୍ଟି ହେଉଛି । ଖଣି ଖନନ ପାଇଁ ଯେଉଁ ପରିମାଣର ଗଛ କଟା ଯାଉଛି ତାହା ବଦଳରେ କ୍ଷତିପୂରଣ ବନୀକରଣ ବ୍ୟାପକ ମାତ୍ରରେ କରାଯାଉନାହିଁ । ଫଳରେ ଏହାର ଜଙ୍ଗଲ ହ୍ରାସ ପାଇବାରେ ଲାଗିଛି । ଫଳରେ ଆଦିବାସୀଙ୍କ ଜୀବନ ଜୀବିକା ସଙ୍କଟରେ ରହୁଛି । ଆଦିବାସୀଙ୍କ ଉପକାରୀ ଗଛ ଲଗାଇବା ପାଇଁ ପରାମର୍ଶ ଦେଇଥିଲେ । ପ୍ରଦୂଷଣ ରୋକିବା ପାଇଁ ଓଡିଶା ଖଣି ନିଗମ ବ୍ୟାପକ ମାତ୍ରାରେ ବନୀକରଣ କରୁନଥିବାରୁ ପରିବେଶ ଏବଂ ଆଦିବାସୀଙ୍କ ଜୀବନଜୀବିକା ଉପରେ ଏହାର ପ୍ରଭାବ ପଡୁଥିବାରୁ କମିଶନ ସଦସ୍ୟ ଶ୍ରୀ ନାୟକ କ୍ଷୋଭ ପ୍ରକାଶ କରିଥିଲେ । କେନ୍ଦୁଝର ଜିଲ୍ଲାର ସିରାଜୁଦ୍ଦିନ ଖଣିରେ କିଛି କର୍ମଚାରୀ କାମ କରୁଥିଲେ । ଖଣି ବନ୍ଦ ପରେ ସେମାନଙ୍କୁ ଛଟେଇ କରି ଦିଆଯାଇଥିଲା । କିନ୍ତୁ ଖଣି ଚାଲିବା ପରେ ମଧ୍ୟ ଛଟେଇ କର୍ମଚାରୀଙ୍କୁ ଖଣିରେ ପୁନଃ ନିଯୁକ୍ତି ଦିଆଯାଇନଥିଲା । ଫଳରେ ସେମାନେ ବାଧ୍ୟ ହୋଇ କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ । ବଡବିଲସ୍ଥିତ ସ୍ଲେଟ ଲେବର ଏନ୍‌ଫୋର୍ସମେଣ୍ଟ ଅଫିସର ଡ଼ଃ ଶିଶିର କୁମାର ସେଠୀଙ୍କୁ କାହିଁକି କର୍ମଚାରୀମାନଙ୍କୁ ଛଟେଇ କରାଯାଇଛି ସେ ସଂପର୍କରେ କମିଶନ ସଦସ୍ୟ ପଚାରି ବୁଝିଥିଲେ । ଡ଼ଃ ଶିଶିର କୁମାର ସେଠୀ ତାଙ୍କୁ ଏବାବଦରେ ପୂର୍ବରୁ କେହି ଅଭିଯୋଗ କରିନଥିବା ଶୁଣାଣି ବେଳେ କହିଥିଲେ । ଖୁବଶୀଘ୍ର ସେମାନଙ୍କ ଅଭିଯୋଗ ଆଧାରରେ ତଦନ୍ତ କରି କମିଶନ ସଦସ୍ୟ ଅନନ୍ତ ନାୟକଙ୍କୁ ରିପୋର୍ଟ ପ୍ରଦାନ କରିବେ ।


ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray